# ଅଧ୍ୟାୟ – IV

# କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ,ସଂଗ୍ରହ ଏବଂ ପରିବହନ

# ଅଧ୍ୟାୟ – IV

## କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ,ସଂଗ୍ରହ ଏବଂ ପରିବହନ

### 4.1 ବର୍ଜ୍ୟବସ୍ତୁର ପୃଥକିକରଣ

କଠିନ ବର୍ଜ୍ୟବସ୍ତୁ ପୃଥକ କରିବା ପାଇଁ ଏମଏସଡବ୍ଲୁ ନିୟମ 2000 ପ୍ରଦାନ କରେ ଯେ ୟୁଏଲବି ଗୁଡିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା, ସ୍ଥାନୀୟ ବାସିନ୍ଦା କଲ୍ୟାଣ ସଙ୍ଗଠନ ଏବଂ ଏନଜିଓ ସହିତ ବୈଠକ ଆୟୋଜନ କରି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ପୃଥକ କରିବା ପାଇଁ ନାଗରିକ ତଥା ସଂପ୍ରଦାୟର ଅଂଶ ଗ୍ରହଣକୁ ଉତ୍ସାହିତ କରିବା ଏବଂ ପୃଥକ ସାମଗ୍ରୀର ପୁନଃ ବ୍ୟବହାର କିମ୍ବା ପୁନରାବର୍ତ୍ତନ ପାଇଁ ପ୍ରୋତ୍ସାହିତ କରିବା ଉଚିତ୍ । ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀ, ପ୍ରକ୍ରିୟାକରଣ ପାଇଁ ଜୈବ ବର୍ଜ୍ୟବସ୍ତୁ ଏବଂ ନିଷ୍କାସନ ପାଇଁ ଅବଶିଷ୍ଟ ନିଷ୍କ୍ରିୟ ପଦାର୍ଥ କୁ ପୃଥକ କରିବା ପାଇଁ କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ ଆବଶ୍ୟକ ।

### 4.1.1 ଉତ୍ସ/ଘର ସ୍ତରରେ ବର୍ଜ୍ୟବସ୍ତୁ ର ପୃଥକିକରଣ

ଏମଏସଡବ୍ଲୁ ମାନୁଆଲ 2000 (ପରିଚ୍ଛେଦ 8.10.1 (A) ଏବଂ 2016 (ପରିଚ୍ଛେଦ 2.2.1) ରେ ଧାର୍ଯ୍ୟ କରାଯାଇଛି ଯେ ଉତ୍ସରେ ବର୍ଜ୍ୟବସ୍ତୁକୁ ପୃଥକ କରିବା ପାଇଁ ୟୁଏଲବି ଗୁଡିକ ନିଶ୍ଚିତ ଭାବରେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିବେ ।

ପରୀକ୍ଷଣ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ଘୋଷଣା କରିଛନ୍ତି ଯେ ସେମାନେ ପୃଥକତା ପାଇଁ ଶତପ୍ରତିଶତ ପର୍ଯ୍ୟନ୍ତ ସେବାସ୍ତର ମାନଦଣ୍ଡ ହାସଲ କରିଛନ୍ତି । ମିଳିତ ଯାଞ୍ଚ ଉପରେ ଆଧାର କରି ଏହା ଦେଖାଗଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଉତ୍ସରେ ପୃଥକତା ଆଂଶିକ ଅନୁସରଣ କରାଯାଉଥିଲା ଏବଂ ବିପଜ୍ଜନକ ବର୍ଜ୍ୟବସ୍ତୁ ମଧ ଲ୍ୟାଣ୍ଡଫିଲ୍‌ରେ ପକାଯାଉଥିଲା । ଏସଓପି (ଜୁଲାଇ 2019) ଜାରିହେବା ପରେ ବ୍ୟାଟେରି ଚାଳିତ ଯାନ (ବିଓଭି)/ ହାଲୁକା ବ୍ୟବସାୟିକ ଯାନ (ଏଲସିଭି) କିଣିବା ପରେ ୟୁଏଲବି ଗୁଡିକ ଏହି ଯାନ ମାଧ୍ୟମରେ ଶୁଖିଲା ଏବଂ ଓଦା ଆବର୍ଜନା ସଂଗ୍ରହ ଉପରେ ଧ୍ୟାନ ଦେଇଥିଲେ ଏବଂ ଏମସିସି/ଏମଆରଏଫ କେନ୍ଦ୍ରରେ ପୃଥକ କରାଯାଉଥିଲା । ଯେହେତୁ ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଦ୍ୱାରରୁ ଦ୍ୱାର ସଂଗ୍ରହ ପାଇଁ ଆବଶ୍ୟକ ସଂଖ୍ୟକ ବିଓଭି /ଏଲସିଭି କ୍ରୟ କରିନଥିଲେ, ୟୁଏଲବି ଗୁଡିକ ଦ୍ୱାରା ଆଂଶିକ ପୃଥକିକରଣ ହୋଇଥିଲା ଯାହା ଅନୁଚ୍ଛେଦ 4.3.1 ରେ ଆଲୋଚନା କରାଯାଇଅଛି ।

ସରକାର କହିଲେ(ମେଇ 2022) ଯେ,ସହରାଞ୍ଚଳରେ ଏସବିଏମ୍ ପ୍ରଣୟନ ହେବା ଦିନରୁ ୟୁଏଲବି ଗୁଡିକୁ ପୃଥକିକୃତ ବର୍ଜ୍ୟ ସଂଗ୍ରହ ଲାଗି ନିର୍ଦ୍ଦେଶ ଦିଆଯାଇଅଛି । ବିଓଭି/ଏଲସିଭି ମାଧ୍ୟମରେ ପୃଥକିକୃତ ବର୍ଜ୍ୟ ସଂଗ୍ରହ କରାଯାଉଥିଲା । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଦ୍ୱାର ରୁ ଦ୍ୱାର ବର୍ଜ୍ୟ ସଂଗ୍ରହ ଲାଗି ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଆବଶ୍ୟକ ସଂଖ୍ୟାର ବିଓଭି/ଏଲସିଭି କିଣି ନଥିଲେ ଫଳରେ ୟୁଏଲବି ଗୁଡିକ ଦ୍ୱାରା ବର୍ଜ୍ୟର ଆଂଶିକ ପୃଥକିକରଣ ହୋଇଥିଲା ।

#### 4.1.1.1 ଡଷ୍ଟବିନ୍ ଯୋଗାଣ ନହେବା

ଏସବିଏମ ନିୟମ ପାରା 7.10.7 ଅନୁଯାୟୀ, ପ୍ରତ୍ୟେକ ପରିବାର ପାଇଁ ଦୁଇଟି ରଙ୍ଗର କୋଡେଡ୍ ଡଷ୍ଟବିନ୍ ବଣ୍ଟନ କରିବାକୁ ୟୁଏଲବି ଗୁଡିକୁ ପରାମର୍ଶ ଦିଆଯାଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗ ର ଏନଜିଟି 2015 ର ଅନୁପାଳନ ରିପୋର୍ଟ ଅନୁସାରେ ୟୁଏଲବି ଗୁଡିକ ଦ୍ୱାର ରୁ ଦ୍ୱାର ସଂଗ୍ରହ ଏବଂ ଉତ୍ସରେ ଶତପ୍ରତିଶତ ପୃଥକତା କୁ ତିନିବର୍ଷ ମଧ୍ୟରେ ହାସଲ ପାଇଁ ଲକ୍ଷ୍ୟ ରଖିବା ଉଚିତ୍ ।

ଅଡିଟ୍ ନିରୀକ୍ଷଣ କଲା ଯେ ତିନୋଟି ୟୁଏଲବି[17] ଜୁଲାଇ 2017 ରୁ ସେପ୍ଟେମ୍ବର 2018 ମଧ୍ୟରେ ଉତ୍ସରୁ ପୃଥକିକରଣ ପାଇଁ ₹1.19 କୋଟି ବ୍ୟୟରେ 1,85,000 ଗୋଟି ଡଷ୍ଟବିନ୍ 92,500 ପରିବାର କୁ ବଣ୍ଟନ ନିମନ୍ତେ କ୍ରୟ କରିଥିଲା । ତାହା ମଧ୍ୟରୁ ଜୁଲାଇ 2017 ଏବଂ ସେପ୍ଟେମ୍ବର 2018 ମଧ୍ୟରେ ୟୁଏଲବି ଗୁଡିକ 43,384

---

17 ବ୍ରହ୍ମପୁର (₹68.80 ଲକ୍ଷ ବ୍ୟୟରେ 80,000 ଘରେ ବାଣ୍ଟିବା ଲାଗି 1,60,000 ଡଷ୍ଟବିନ),ଜୟପୁର (₹31,60 ଲକ୍ଷ ବ୍ୟୟରେ 20,000 ଡଷ୍ଟବିନ୍ 10,000 ଗୃହରେ ବାଣ୍ଟିବା ଲାଗି) ଏବଂ ଚୌଦ୍ୱାର (₹19 ଲକ୍ଷ ବ୍ୟୟରେ 5,000 ଡଷ୍ଟବିନ 2,500 ଘରେ ବଣ୍ଟନ ଲାଗି)

ପରିବାରକୁ 87,568[18] ଟି ଡଷ୍ଟବିନ୍ ବଣ୍ଟନ କରିଥିଲେ ଏବଂ ଅବଶିଷ୍ଟ 97,432 ଟି ଡଷ୍ଟବିନ୍ ମାର୍ଚ୍ଚ 2021 ସୁଦ୍ଧା କୌଣସି ପରିବାର କୁ ପ୍ରଦାନ କରାନଯାଇ ସଂପୃକ୍ତ ୟୁଏଲବି ରେ ରଖାଯାଇଥିଲା । ମିଳିତ ଯାଞ୍ଚ (ମାର୍ଚ୍ଚ 2021) ସମୟରେ ଅଡିଟ୍ ଆହୁରି ମଧ ଦେଖିଲା ଯେ ସଚେତନତା ର ଅଭାବ ହେତୁ ପରିବାର ଗୁଡିକ ଉତ୍ସ ପୃଥକତାକୁ ଆପଣାଉ ନାହାନ୍ତି ଫଳରେ ଖର୍ଚ୍ଚହୋଇଥିବା ଟଙ୍କା ଅଫଳପ୍ରସୁ ରହିଲା । ଅନ୍ୟ 18 ଟି ୟୁଏଲବି ଗୁଡିକ ବର୍ଜ୍ୟବସ୍ତୁ ର ଉତ୍ସରେ ପୃଥକିକରଣକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ପରିବାର କୁ ଡଷ୍ଟବିନ୍ ଦାନ କରିନଥିଲେ । ବିଓଭି କିଣିବା ପରେ (ଏସଓପି ଜୁଲାଇ 2019 ପରେ), ୟୁଏଲବିମାନେ ପ୍ରତ୍ୟେକ ଘରୁ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ଏମସିସି/ଏମଆରଏଫ୍ ସ୍ତରରେ ତାହାର ପୃଥକିକରଣ ନିମନ୍ତେ ପ୍ରଚେଷ୍ଟା ମାର୍ଚ୍ଚ 2021 ଠାରୁ ଆରମ୍ଭ କଲେଣି । ସରକାର କହିଲେ (ମଇ 2022) ଯେ, ବିନ୍ ବଣ୍ଟନ ବ୍ୟବସ୍ଥା ଲାଗି ଏସଡବ୍ଲୁଏମ ନିୟମ 2016 ବିହିତ କରିନାହିଁ । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, କଠିନ ବର୍ଜ୍ୟ ନିମନ୍ତେ ଏସବିଏମ ମାର୍ଗଦର୍ଶୀକା ଦର୍ଶାଉଥିଲା ଯେ, ୟୁଏଲବି ମାନେ ଉତ୍ସ ପୃଥକ ଲାଗି ଘର ପ୍ରତି ଦୁଇଟି ଭିନ୍ନ ରଙ୍ଗର ବିନ୍ ବଣ୍ଟନ କରିବେ ।

### 4.1.2 ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ପୃଥକ ନକରିବା

ଏସଡବ୍ଲୁଏମ ନିୟମ 2016 ର ଧାରା 15 (i)(j) ଅନୁଯାୟୀ, ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ପାଇଁ ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ଏବଂ ଏହାର ନିରାପଦ ନିଷ୍କାସନ ପାଇଁ କେନ୍ଦ୍ରରେ ଘରୋଇ ବିପଜ୍ଜନକ[19] ବର୍ଜ୍ୟବସ୍ତୁ ଜମାକରିବାକୁ ବର୍ଜ୍ୟବସ୍ତୁ ଉତ୍ପାଦନକାରୀଙ୍କୁ ୟୁଏଲବିମାନେ ନିର୍ଦ୍ଦେଶ ଦେବା ଆବଶ୍ୟକ । ଏସଡବ୍ଲୁଏମ ମାନୁଆଲ 2016 ବିଭିନ୍ନ ପ୍ରକାରର ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ସୁଚିତ କରେ ।

ଅଡିଟ୍ ନିରୀକ୍ଷଣ କଲା ଯେ ଉଭୟ ରାଜ୍ୟ ତଥା ସ୍ଥାନୀୟ ସଂସ୍ଥା ଉତ୍ସରୁ ପୃଥକ ହେବା ପାଇଁ ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ଭାବରେ ବର୍ଗୀକୃତ ଆଇଟମ ଗୁଡିକର ତାଲିକା କୁ ସୂଚିତ କରି ନଥିଲେ ଏବଂ ପ୍ରକାଶ କରି ନଥିଲେ ଫଳସ୍ୱରୁପ, ଉତ୍ପାଦିତ ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁର ପରିମାଣ ଆକଳନ କରାଯାଇନଥିଲା ଏବଂ ଦୂଷିତ ମିଶ୍ରିତ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ ରେ ପହଞ୍ଚି ଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମଧ ମାର୍ଚ୍ଚ 2021 ସୁଦ୍ଧା ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ପାଇଁ ପୃଥକ ବର୍ଜ୍ୟବସ୍ତୁ ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିନଥିଲେ । ବିପଜ୍ଜନକ ବର୍ଜ୍ୟବସ୍ତୁ ବିଷୟରେ ବିଜ୍ଞପ୍ତି ପ୍ରକଶ ନ କରିବା ଏବଂ ମିଶ୍ରିତ ବର୍ଜ୍ୟବସ୍ତୁକୁ ଲ୍ୟାଣ୍ଡଫିଲ ରେ ଜମା କରିବା ଦ୍ୱାରା ବିଷାକ୍ତ ବର୍ଜ୍ୟବସ୍ତୁ ର ଅବଶିଷ୍ଟାଂଶ ଭୂତଳ ଭାଗରେ ପ୍ରବେଶ କରିପାରେ ଏବଂ ବାୟୁ ଏବଂ ମୃତ୍ତିକା ପ୍ରଦୂଷଣ ବ୍ୟତୀତ ଭୂତଳ ଜଳ ଦୁଷିତ ହୋଇପାରେ । ଅଡିଟ ଏବଂ ୟୁଏଲବି ଅଧିକାରୀ ଙ୍କ ମିଳିତ ସର୍ଭେ ସମୟରେ ଲ୍ୟାଣ୍ଡଫିଲ ନିକଟରେ ରହୁଥିବା ବାସିନ୍ଦାମାନେ ରିପୋର୍ଟ କଲେ ଯେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା ।

ସରକାର କହିଲେ (ମଇ 2022) ଯେ, ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ର ପୃଥକିକରଣ ଏବଂ ସଂଗ୍ରହ ଲାଗି ୟୁଏଲବି ସ୍ତରରେ ସଚେତନତା କାର୍ଯ୍ୟକ୍ରମ ନିଆ ଯାଇଅଛି । ପରନ୍ତୁ, ଘରମାନଙ୍କରୁ ବିପଜ୍ଜନକ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପୃଥକିକରଣ ଲାଗି ହୋଇଥିବା ସଚେତନତା କାର୍ଯ୍ୟକ୍ରମର ଦସ୍ତାବିଜ ସାକ୍ଷ୍ୟ ପରିକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ପ୍ରଦାନ କରିନଥିଲେ ।

### 4.1.3 ସାନିଟାରୀ ବର୍ଜ୍ୟବସ୍ତୁ କୁ ପୃଥକ ନ କରିବା

ଏସଡବ୍ଲୁଏମ ମାନୁଆଲର ଅନୁଭାଗ 2.2.2.1 ର ଧାରା 4 ଅନୁଯାୟୀ, ପରିବାର ଦ୍ୱାରା ନିଷ୍କାସିତ ସାନିଟାରୀ ବର୍ଜ୍ୟବସ୍ତୁ[20] କୁ ନିର୍ମାତା ମାନଙ୍କଦ୍ୱାରା ପ୍ରଦାନ କରାଯାଇଥିବା ପୁରୁଣା ଖବରକାଗଜ /ଥଳିରେ ଆବୃତ କରି ଆବର୍ଜନା ସଂଗ୍ରହକାରୀଙ୍କୁ ପୃଥକ ଭାବେ ହସ୍ତାନ୍ତର କରାଯିବା କଥା ।

ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ମାର୍ଚ୍ଚ 2021 ସୁଦ୍ଧା ମାନୁଆଲ ଯେପରି ଆବଶ୍ୟକ କରୁଥିଲା ସେପରି ସାନିଟାରୀ ବର୍ଜ୍ୟବସ୍ତୁ ର ପୃଥକ ଏବଂ ନିଷ୍କାସନ ଉପରେ ଗୁରୁତ୍ୱ ଦେଇନଥିଲେ ।

ସରକାର କହିଲେ (ମଇ 2022) ଯେ,, ସାନିଟାରୀ ନାପକିନ୍, ଡାଇପର ଇତ୍ୟାଦି ବିଓଭି/ଏଲସିଭି ରେ ସଂଯୁକ୍ତ ବ୍ୟାଗ୍ ରେ ରଦି କାଗଜ ଦ୍ୱାରା ଆବୃତ କରି ସଂଗ୍ରହ କରାଯାଏ ଏବଂ ଏହା ଇନସେନେରେଟର୍ ମାଧମରେ ଡ୍ୱେଲଥ୍ ସେଣ୍ଟର

---

18 ବ୍ରହ୍ମପୁର 32,169 ଘରକୁ 64,338 ଡଷ୍ଟବିନ୍ ,ଚୌଦ୍ୱାର1,615 ଘରକୁ 3,230 ଡଷ୍ଟବିନ୍ ଏବଂ ଜୟପୁର 20,000 ଡଷ୍ଟବିନ 10,000 ଘରକୁ

19 ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ (ଏଇଚଏଇଚଡବ୍ଲୁ) ହେଉଛି କୌଣସି ଅବାଂଛିତ ଘରୋଇ ଉତ୍ପାଦ ଯାହାକୁ ଜ୍ୱଳନଶୀଳ,ବିଷାକ୍ତ,କ୍ଷୟକାରକ କିମ୍ବା ପ୍ରତିକ୍ରିୟାଶୀଳ ଭାବେ ପରିଗଣିତ କରାଯାଏ । ସାଧାରଣତଃ ଏରୋଶଲ, ଆଜବେଷ୍ଟସ୍ ,ସାର, ମୋଟରଗାଡି ତେଲ, ବଳକା ରଙ୍ଗ ,ଫୋଟ କେମିକାଲ, ବିଷ ଏବଂ ଦ୍ରବଣ ଇତ୍ୟାଦି ଅର୍ନ୍ତଭୂକ୍ତ

20 ସାନିଟାରୀ ବର୍ଜ୍ୟ ହେଉଛି ବର୍ଜ୍ୟ ଡାଇପର,ସାନିଟାରୀ ଟାୱେଲ୍ ଏବଂ ନାପକିନ୍ସ ଏବଂ ସେପରି ଅନ୍ୟ ବର୍ଜ୍ୟବସ୍ତୁ

ରେ ପ୍ରକ୍ରିୟାକରଣ କରାଯାଏ । ପରନ୍ତୁ, ପରିକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଆବଶ୍ୟକ ବିଓଭି/ଏଲସିଭି କିଣିନଥିଲେ ।

## 4.1.4 ସ୍ଥାନାନ୍ତରଣ ସ୍ଥଳୀ/ କେନ୍ଦ୍ରୀୟ ସର୍ଟିଂ ବ୍ୟବସ୍ଥା ରେ ବର୍ଜ୍ୟବସ୍ତୁକୁ ପୃଥକ ନ କରିବା

ଏସଡବ୍ଲୁଏମ ନିୟମ, 2016 ର ଧାରା 15 (ଏଇଚ୍) ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀକୁ ଅଲଗା କରିବା ପାଇଁ ସାମଗ୍ରୀ ପୁନରୁଦ୍ଧାର ବ୍ୟବସ୍ଥା କିମ୍ବା ଅନ୍ୟ ସେକେଣ୍ଡାରୀ ସଂରକ୍ଷଣ ବ୍ୟବସ୍ଥା କରିବେ । ଅଡିଟ୍ ଦେଖିଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଉତ୍ସସ୍ତରର ପୃଥକତା ର ଅନୁପସ୍ଥିତ / ଅଭାବ ଥିଲା । ତେଣୁ, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ/ଲ୍ୟାଣ୍ଡଫିଲ ଅଞ୍ଚଳରେ ପହଞ୍ଚିବା ପୂର୍ବରୁ ଏହାର ପୃଥକିକରଣ ସୁନିଶ୍ଚିତ କରିବାର ଥିଲା । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ବର୍ଜ୍ୟବସ୍ତୁ ମିଶ୍ରିତ ଆକାରରେ ପ୍ରାଥମିକ ସଂରକ୍ଷଣ କେନ୍ଦ୍ରରୁ ସେକେଣ୍ଡାରୀ ସଂରକ୍ଷଣ କେନ୍ଦ୍ରକୁ ଏବଂ ସେକେଣ୍ଡାରୀ ସଂରକ୍ଷଣ କେନ୍ଦ୍ରରୁ ଲ୍ୟାଣ୍ଡଫିଲ୍ କୁ ସ୍ଥାନାନ୍ତରଣ କରାଯାଉଥିଲା । ବର୍ଜ୍ୟବସ୍ତୁକୁ ପ୍ରାଥମିକ ସଂରକ୍ଷଣ, ସେକେଣ୍ଡାରୀ ସଂରକ୍ଷଣ ଏବଂ ଶୁଖିଲା ବର୍ଜ୍ୟବସ୍ତୁ କେନ୍ଦ୍ରରେ ପୃଥକ କରିବାରେ ବିଫଳତା, ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀକୁ ଉଦ୍ଧାର କରିବାରେ ବିଫଳ ହେବାରେ ରୂପାନ୍ତରିତ ହୋଇଥିଲା ଫଳରେ ଏହି ପୁନଃବ୍ୟବହାର ଯୋଗ୍ୟ ଦ୍ରବ୍ୟଗୁଡିକୁ କେବଳ ଲ୍ୟାଣ୍ଡଫିଲ୍‌ରେ ଜମାକରାଯାଉଥିଲା ।



ଫଟୋଗ୍ରାଫ୍ - 1: ସିଏମସି ସେକେଣ୍ଡାରୀ ଟ୍ରାନ୍ସଫର୍ ସେଣ୍ଟର ସଡୀଚଉରା

ସରକାର କହିଲେ (ମଇ 2022) ଯେ, ଡିସେମ୍ବର 2020 ରେ ଏସଓପି ଜାରି ହେଲାପରେ ସମଗ୍ର ରାଜ୍ୟରେ ଘରୁ ପୃଥକିକୃତ ବର୍ଜ୍ୟ ସଂଗ୍ରହ ର ମୂଳ ତତ୍ତ୍ୱ ଚାଲୁହୋଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଆବଶ୍ୟକ ବିଓଭି/ଏଲସିଭି କିଣିନଥିଲେ ଫଳରେ ପୃଥକିକରଣ ହୋଇନଥିବା ବର୍ଜ୍ୟ ଘରୁ ସଂଗ୍ରହ ହେଉଥିଲା ।ଅପୃଥକିକୃତ ବର୍ଜ୍ୟ ବ୍ୟବହାର ଯୋଗ୍ୟ ସାମଗ୍ରୀର ପୁନରୁଦ୍ଧାର ନ ହୋଇ ପ୍ରାଇମେରି ଏବଂ ସେକେଣ୍ଡାରୀ ଷ୍ଟୋରେଜ୍ ରୁ ସଂଗୃହୀତ ହୋଇଥିଲା ଏବଂ ଶେଷରେ ଲ୍ୟାଣ୍ଡଫିଲ୍ ରେ ନିଷ୍କାସନ ହେଉଥିଲା ।

## 4.2 ବର୍ଜ୍ୟବସ୍ତୁ ସଂଗ୍ରହ

ଏମ.ଏସ.ଡବ୍ଲୁ, 2000 ର ମାନୁଆଲ ଧାରା 10.3 ଏବଂ 10.4 ରେ ଦର୍ଶାଯାଇଛି ଯେ ୟୁଏଲବି ମାନେ ଘରୋଇ, ବାଣିଜ୍ୟିକ ଏବଂ ଅନୁଷ୍ଠାନିକ, ଖାଦ୍ୟ /ମାଟିରେ ମିଶିଯାଉଥିବା ବର୍ଜ୍ୟବସ୍ତୁ, ପୁନଃ ବ୍ୟବହାରଯୋଗ୍ୟ ବର୍ଜ୍ୟବସ୍ତୁ/ମାଟିରେ ମିଶୁନଥିବା ବର୍ଜ୍ୟବସ୍ତୁ ତାହାଛଡା ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ/ ଘରୁ କିମ୍ବା ସର୍ବସାଧାରଣ ବ୍ୟବହୃତ ଡଷ୍ଟବିନ ରୁ ବିଷାକ୍ତ ବର୍ଜ୍ୟବସ୍ତୁ ଏବଂ ବର୍ଜ୍ୟବସ୍ତୁ ଜମାକରିବା କେନ୍ଦ୍ର ଯାହା ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ନିର୍ମିତ ସେଠାରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ଦରକାର । ତେଣୁ, ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥା ସୁନିଶ୍ଚିତ କରିବା ଦରକାର ଯେ, ଉତ୍ସରେ ଜମା ହୋଇଥିବା ବର୍ଜ୍ୟବସ୍ତୁ ନିୟମିତ ଭାବେ ସଂଗ୍ରହ ହେଉଛି ଏବଂ ଏହା ରାସ୍ତା,ଡ୍ରେନ୍ କିମ୍ବା ଜଳଉତ୍ସ ରେ ପକାଯାଉ ନାହିଁ ।

ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଯାଞ୍ଚ କରାଯାଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡିକରେ ନିମ୍ନଲିଖିତ ତ୍ରୁଟି ଗୁଡିକ ଲକ୍ଷ୍ୟ କରାଯାଇଥିଲା ।

### 4.2.1 ଦୈନନ୍ଦିନ ରାସ୍ତା ଝାଡୁ ଏବଂ ସଫାକରିବା

ଏମଏସଡବ୍ଲୁ,2000 ନିମନ୍ତେ ମାନୁଆଲ ର ଅନୁଭାଗ 11.3.1 ଏବଂ ଏମଏସଡବ୍ଲୁଏମ ମାନୁଆଲ,2016 ର ଅନୁଭାଗ 2.4.2 ରେ ଧାର୍ଯ୍ୟ କରାଯାଇଛି ଯେ ପର୍ଯ୍ୟାପ୍ତ କର୍ମଚାରୀ ଏବଂ ଯନ୍ତ୍ରପାତି ସହିତ ରାସ୍ତାଘାଟ ସଫେଇ କରିବା ପାଇଁ ଏକ ସୁଚିନ୍ତିତ, ସମୟସୀମା ବିଶିଷ୍ଟ ଦୈନିକ ବ୍ୟବସ୍ଥା ରହିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସ୍ଥାନ ଗୁଡିକରେ ଡ୍ୟୁଟି ପାଇଁ ଷ୍ଟ୍ରିଟ୍ ସୁଇପରମାନଙ୍କୁ ନିର୍ଦ୍ଦେଶ ଦିଆଯିବା ଏବଂ ଏହିପରି ସ୍ଥାନଗୁଡିକରେ ଷ୍ଟ୍ରୀଟ୍ ସୁଇପିଂ ଉପକରଣ ସଂରକ୍ଷଣ ପାଇଁ ବ୍ୟବସ୍ଥା ରହିବା ଉଚିତ୍ ।

ଅଡିଟ୍ 21 ଟି ୟୁଏଲବି ଗୁଡିକର ଯାଞ୍ଚ କରି ଦେଖିଲା ଯେ, 5,967.16 କିମି ରାସ୍ତା ମଧ୍ୟରୁ ୟୁଏଲବି ଗୁଡିକ 1,157.55 କିମି (19.39 ପ୍ରତିଶତ) ରାସ୍ତାରେ ପ୍ରତିଦିନ ଝାଡୁ କରିନାହାନ୍ତି । ଚାରୋଟି ୟୁଏଲବିରେ ଦୈନିକ ସଫେଇ ର କମି 50 କିମ୍ବା ତାହାଠାରୁ ଅଧିକ ପ୍ରତିଶତ ଥିଲା ***(ପରିଶିଷ୍ଟ-VIII)***।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ରେ ରାସ୍ତାଝାଡୁ ନିୟମିତ ହେଉଥିଲା । ଏହି ଉତ୍ତରଟି ପରିକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ଦେଇଥିବା ଉତ୍ତରର ବିରୁଦ୍ଧାଚରଣ କରୁଥିଲା ।

### 4.2.2 ବର୍ଜ୍ୟବସ୍ତୁ ପରିଚାଳନାରେ ଅନୌପଚାରିକ ବର୍ଜବସ୍ତୁ ସଂଗ୍ରହକାରୀଙ୍କର ଅଣ ଏକତ୍ରୀକରଣ

ଏସଡବ୍ଲୁଏମ ନିୟମ, 2016 ବର୍ଜ୍ୟବସ୍ତୁ ସଂଗ୍ରହକାରୀ କିମ୍ବା ଅନୌପଚାରିକ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ଏସଡବ୍ଲୁଏମ ବ୍ୟବସ୍ଥା ସହିତ ଏକୀକରଣ ସମ୍ବନ୍ଧରେ ବ୍ୟାପକ ନିର୍ଦ୍ଦେଶାବଳୀ ରାଜ୍ୟ ସରକାର ପ୍ରଦାନ କରିବା ଆବଶ୍ୟକ କରେ । ଅନୌପଚାରିକ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ସଂଗଠନକୁ ଚିହ୍ନିବା ଏବଂ ଦ୍ୱାର ରୁ ଦ୍ୱାର ସଂଗ୍ରହ ସହିତ ଏସଡବ୍ଲୁଏମ ରେ ସେମାନଙ୍କର ଅଂଶଗ୍ରହଣକୁ ସୁଗମ କରିବା ପାଇଁ ବ୍ୟବସ୍ଥା ପ୍ରତିଷ୍ଠା କରିବା ୟୁଏଲବି ମାନଙ୍କର କର୍ତ୍ତବ୍ୟ ।

ଅଡିଟ୍ ନୀରିକ୍ଷଣ କଲା ଯେ 2015-20 ମଧ୍ୟରେ ବର୍ଜ୍ୟବସ୍ତୁ ସଂଗ୍ରହକାରୀ/ଅଳିଆ ଉଠାଉଥିବା ବ୍ୟକ୍ତିଙ୍କ ସମ୍ପୃକ୍ତି ପାଇଁ ରାଜ୍ୟ ସରକାର କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି । ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ନୀତିର ଅନୁପସ୍ଥିତିରେ, ଅନୌପଚାରିକ କ୍ଷେତ୍ରର ସେବା ବ୍ୟବହାର ହୋଇପାରି ନାହିଁ । ଏସଡବ୍ଲୁଏମ ପାଇଁ ବର୍ଜ୍ୟବସ୍ତୁ ସଂଗ୍ରହକାରୀ / ଅଳିଆ ଉଠାଳି ମାନଙ୍କୁ ଏକୀକରଣ ପାଇଁ ଜିଓଓ (ଜାନୁଆରୀ 2021) ରେ ନିର୍ଦ୍ଦେଶାବଳୀ ଜାରି କରିବା ପରେ, ପରୀକ୍ଷା ହୋଇଥିବା ୟୁଏଲବି ଗୁଡିକ ୱେଲଥ କେନ୍ଦ୍ରରେ ଏସଡବ୍ଲୁଏମ କାମ ପାଇଁ 1,320 ଅଳିଆ ଉଠାଳି[21] ଚିହ୍ନଟ କରିଛନ୍ତି । ଯେହେତୁ, ପରୀକ୍ଷା ଯାଞ୍ଚ ହୋଇଥିବା ୱେଲ୍‌ଥ କେନ୍ଦ୍ର[22] ଏବଂ ୟୁଏଲବି ଗୁଡିକ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିଲା, ମାର୍ଚ୍ଚ 2021 ସୁଦ୍ଧା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅଳିଆ ଉଠାଳି/ ବର୍ଜ୍ୟବସ୍ତୁ ସଂଗ୍ରହାକରୀଙ୍କ ସେବା ସମ୍ପୂର୍ଣ୍ଣ ଭାବରେ ବ୍ୟବହୃତ ହୋଇପାରିନଥିଲା ।

ସରକାର କହିଲେ (ମଇ 2022) ଯେ, ବର୍ତ୍ତମାନ ସୁଦ୍ଧା 3,052 ଜରିଗୋଟାଳି ଚିହ୍ନଟ ହୋଇଛନ୍ତି । ସେ ମଧ୍ୟରୁ 700 ଜରିଗୋଟାଳି 94 ଟି ୟୁଏଲବି ରେ ଥିବା ୱେଲଥ୍ କେନ୍ଦ୍ର ରେ ନିୟୋଜିତ ଅଛନ୍ତି । ପରନ୍ତୁ, ୱେଲଥ୍ କେନ୍ଦ୍ର ଗୁଡିକ ଆଂଶିକ କାର୍ଯ୍ୟକ୍ଷମ ହେବା ଯୋଗୁଁ ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅନୌପଚାରିକ ବର୍ଜ୍ୟ ସଂଗ୍ରହକାରୀଙ୍କ ଏକତ୍ରୀକରଣ ରେ କମି ଥିଲା ।

### 4.2.3 ବର୍ଜବସ୍ତୁ ସଂଗ୍ରହରେ ଅସଙ୍ଗତି

ଦ୍ୱାରରୁ ଦ୍ୱାର ଅଳିଆ ସଂଗ୍ରହ ପାଇଁ ଚୁକ୍ତିନାମାର ଧାରା (ଇ) ଅନୁଯାୟୀ, ୟୁଏଲବି ଏଜେନ୍ସି ଗୁଡିକୁ ସକାଳ 6 ଟାରୁ ମଧ୍ୟାହ୍ନ 12 ଟା ପର୍ଯ୍ୟନ୍ତ କାର୍ଯ୍ୟ ଏବଂ ସେବା ପରିସର କାର୍ଯ୍ୟକାରୀ କରିବା ପାଇଁ ଲିଖିତ ଅନୁମତି ପ୍ରଦାନ କରିବା ଉଚିତ୍ ଯେଉଁଥିରେ ୟୁଏଲବି ର ଜଣେ ଅଧିକାରୀ ତାଙ୍କର କାର୍ଯ୍ୟକଳାପକୁ ନିରୀକ୍ଷଣ କରିବେ ।

ଅଡିଟ୍ ନିରୀକ୍ଷଣ କଲା (ଡିସେମ୍ବର 2020) ଯେ, କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୀ ୟୁଏଲବି, 27ଟି ୱାର୍ଡ୍ ରେ ଦ୍ୱାର ରୁ ଦ୍ୱାର ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପରିଚାଳନା ପାଇଁ ଚାରୋଟି ଏଜେନ୍ସୀକୁ ଆଉଟ୍‌ସୋର୍ସିଂ କରିଥିଲେ (ଅପ୍ରିଲ୍ 2017) । ଗୃହ ଏବଂ ନଗର ଉନ୍ନୟନ ବିଭାଗ ସୂଚିତ କରିଥିଲେ (ଜୁନ୍ 2018) ଯେ, କୌଣସି ବି ଏଜେନ୍ସୀ ଶତପ୍ରତିଶତ ଦ୍ୱାର ରୁ ଦ୍ୱାର ବର୍ଜ୍ୟବସ୍ତୁ ସଂଗ୍ରହ କରିପାରି ନାହାନ୍ତି । ମଇ 2018 ସୁଦ୍ଧା ମୋଟ ବିଲ୍ ଦେୟ ₹4.47 କୋଟି ମଧ୍ୟରୁ ₹70.73 ଲକ୍ଷ ଏଜେନ୍ସୀ ଗୁଡିକର କାର୍ଯ୍ୟଦକ୍ଷତା ମୂଲ୍ୟାୟନ ବିନା ପ୍ରଦାନ କରାଯାଇଥିଲା । ଏଜେନ୍ସୀ ଗୁଡିକୁ ପୁନର୍ବାର ଆଉ କୌଣସି ଦେୟ ପ୍ରଦାନ କରାଯାଇନାହିଁ ।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ଗୁଡିକରେ ଆଉଟସୋର୍ସିଂ ଏଜେନ୍ସୀ ଦ୍ୱାରା ଘରୁ ବର୍ଜ୍ୟ ସଂଗ୍ରହ ବନ୍ଦ ଅଛି । ପରନ୍ତୁ, କାର୍ଯ୍ୟ ସମ୍ପାଦନର ନିର୍ଦ୍ଧାରଣ ବିନା ଏଜେନ୍‌ସୀକୁ ଦେୟ ପ୍ରଦାନ ବିଷୟରେ ଉତ୍ତରଟି ନିରବ ଥିଲା ।

---

[21] ଅଳିଆ ଉଠାଳି : ବିଏମସି (662),ସିଏମସି(127),ପୁରୀ (98),ଭଦ୍ରକ (4),ରାୟଗଡା (0),ଜୟପୁର (6),ହିଞ୍ଜଳିକଟ୍(16)ଛତ୍ରପୁର (10),ସୁନ୍ଦରଗଡ(10),ରାଉରକେଲା(48),ଗୁଣପୁର(4),ବାରିପଦା(5),ବ୍ରହ୍ମପୁର (186),ଚୌଦ୍ୱାର (0), ଝାରସୁଗୁଡା (0) ,ସମ୍ବଲପୁର (104),ନୂଆପଡା (30),ବଲାଙ୍ଗୀର (2),ବରଗଡ(0), ରଣପୁର(5)ଏବଂ ଚାନ୍ଦବାଲି (3)

[22] ଏମସିସି ଏବଂ ଏମଆରଏଫ୍ ଗୁଡିକୁ ୱେଲଥ୍ ସେଣ୍ଟର କୁହାଯାଏ

### 4.2.4 ପର୍ଯ୍ୟାପ୍ତ ସଂରକ୍ଷଣ ସୁବିଧା ର ଅଭାବ

ଏମଏସଡବ୍ଲୁ ନିୟମ 2000 ର କାର୍ଯ୍ୟସୂଚୀ II ର ଧାରା 3 ରେ ଧାର୍ଯ୍ୟ କରାଯାଇଛି ଯେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କଠିନ ବର୍ଜ୍ୟବସ୍ତୁ ପାଇଁ ଏପରି ସଂରକ୍ଷଣ ସୁବିଧା ପ୍ରତିଷ୍ଠା କରିବେ ଯେପରି ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବନାହିଁ । ଅଧିକନ୍ତୁ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁର ପରିମାଣ ଏବଂ ଉପଭୋକ୍ତା ମାନଙ୍କ ପାଇଁ ଉପଲବ୍ଧ ଥିବା ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱକୁ ଧ୍ୟାନରେ ରଖି ଷ୍ଟୋରେଜ୍ ବ୍ୟବସ୍ଥା ପ୍ରତିଷ୍ଠା ହେବା ଉଚିତ୍ ; ଯେପରି ସଂରକ୍ଷିତ ବର୍ଜ୍ୟବସ୍ତୁ ଖୋଲା ହୋଇ ରହିବନାହିଁ ଏବଂ ମାଟିରେ ମିଶିଯାଉଥିବା ବର୍ଜ୍ୟବସ୍ତୁ ସବୁଜ ଡଷ୍ଟବିନ୍ ରେ, ଧଳା ଡଷ୍ଟବିନ୍ ରେ ପୁନଃ ବ୍ୟବହାର ଯୋଗ୍ୟ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ କଳା ଡଷ୍ଟବିନ୍ ରେ ସଂରକ୍ଷିତ କରାଯିବ । ଉପରୋକ୍ତ ନିୟମର କାର୍ଯ୍ୟସୂଚୀ II ର ଧାରା 4 ଅନୁଯାୟୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ବର୍ଜ୍ୟବସ୍ତୁ ସଂରକ୍ଷଣ ବ୍ୟବସ୍ଥା ପ୍ରତିଦିନ ସଫାହେବା ଦରକାର । ଡଷ୍ଟବିନ୍ ଏବଂ ଅନ୍ୟ କଣ୍ଟେନର୍ ଗୁଡିକ ଯେଉଁଠି ବି ରଖାଯାଇଛି ସେଗୁଡିକ ଭର୍ତ୍ତିହୋଇ ବର୍ଜ୍ୟବସ୍ତୁ ବାହାରକୁ ବାହାରିବା ପୂର୍ବରୁ ସଫାହେବା ଦରକାର । ଅଡିଟ୍ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ନିମ୍ନଲିଖିତ ସଂରକ୍ଷଣ ର ଅଭାବ ଦେଖିଲା ।

ଯାଞ୍ଚହୋଇଥିବା ୟୁଏଲବି ଗୁଡିକ କେବଳ ସବୁଜ ରଂଗର ଖୋଲା ଡଷ୍ଟବିନ୍ ରାସ୍ତାପାର୍ଶ୍ୱରେ ରଖିଥିଲେ । 21 ଟି ୟୁଏଲବିର ମିଳିତ କ୍ଷେତ୍ରୀୟ ଯାଞ୍ଚ ବେଳେ ଏହା ଦେଖାଯାଇଥିଲା ଯେ, କୌଣସି ବି ୟୁଏଲବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବିଭିନ୍ନ ରଂଗର ଡଷ୍ଟବିନ୍ ରଖିନଥିଲେ । କୌଣସି ଦ୍ୱିତୀୟ ସଂରକ୍ଷଣ ବ୍ୟବସ୍ଥା ର ଅଭାବରୁ ଲୋକମାନେ ଅଳିଆ ରାସ୍ତା କଡରେ ପକାଉଥିଲେ । ଖୋଲା ଅସ୍ଥାୟୀ ଡଷ୍ଟବିନ୍ ଗୁଡିକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହ ଚାରିଆଡେ ଦୁର୍ଗନ୍ଧ ହେଉଥିଲା । ଅଧିକନ୍ତୁ, କଣ୍ଟେନର ଗୁଡିକରୁ କଠିନ ବର୍ଜ୍ୟବସ୍ତୁ ଉଛୁଳି ବାହାରୁ ଥିଲା ଯାହା ନିମ୍ନ ଫଟୋରେ ଦେଖାଯାଇଛି।



ଫଟୋଗ୍ରାଫ୍ -2: ନଦୀକୂଳ ନିକଟ ୱାର୍ଡ10 ଭଦ୍ରକଠାରେ ରାସ୍ତାରେ ଆବର୍ଜନା ଜମାହୋଇଛି



ଫଟୋଗ୍ରାଫ୍ -3: ସମ୍ବଲପୁରର ୱାର୍ଡ31 ରେ ଡଷ୍ଟବିନର ଓଭର ଫ୍ଲୋ

ଏହା ସୂଚାଉଥିଲା ଯେ ସେଠାରେ ପର୍ଯ୍ୟାପ୍ତ ପରିମାଣର କଣ୍ଟେନର/ଡଷ୍ଟବିନ୍ ନାହିଁ କିମ୍ବା ସେଗୁଡିକ ନିୟମିତ ସଫାହେଉନାହିଁ ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିହେବା ସହ, ପରିବେଶର ପ୍ରଦୂଷଣ ଏବଂ ନିକଟସ୍ଥ ବାସିନ୍ଦାଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିଲା ।

ସରକାର କହିଲେ (ମଇ 2022) ଯେ, ଉତ୍ସରୁ ପ୍ରତିଦିନ ପୃଥକିକରଣ କରି ଦ୍ୱାରରୁ ଦ୍ୱାର ବର୍ଜ୍ୟ ସଂଗ୍ରହ ଲାଗି ଯେଉଁ ପ୍ରଚେଷ୍ଟା କରାଯାଇଛି ତା ଫଳରେ ୟୁଏଲବି ମାନେ ନିଜକୁ ବିନ୍ ମୁକ୍ତ (ଦ୍ୱିତୀୟ ସଂରକ୍ଷଣ ବିନ ବ୍ୟତିତ) ଘୋଷଣା କରିବାର ଦ୍ୱାରରେ ଅଛନ୍ତି । ଦ୍ୱିତୀୟ ସଂରକ୍ଷଣ ବ୍ୟବସ୍ଥା ସ୍ଥାପନ କରିବା କୁ ନିରୁତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ୟୁଏଲବି ଗୁଡିକ ଏମଏସଡବ୍ଲୁ ନିୟମ ଅନୁଯାୟୀ ମାର୍କେଟ୍ କମ୍ପ୍ଲେକ୍ସ ଏବଂ ବ୍ୟବସାୟୀକ ସ୍ଥଳରୁ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାର ବର୍ଜ୍ୟର ଜମାକରିବା ନିମନ୍ତେ ବିଭିନ୍ନ ପ୍ରକାର କଣ୍ଟେନର୍ ଚିହ୍ନଟ ହୋଇଥିବା ସ୍ଥାନରେ ରଖିବାରଥିଲା । ବିଭିନ୍ନ ରଙ୍ଗର ବିନ୍ ର ଅଭାବ ଯୋଗୁଁ ବିଭିନ୍ନ ପ୍ରକାର ବର୍ଜ୍ୟକୁ ପୃଥକିକରଣ କରିବା କଷ୍ଟକର ହେଉଥିଲା । ତେଣୁ, ବର୍ଜ୍ୟ ପୁନଃ ପ୍ରକ୍ରିୟାକରଣ ଏବଂ ପୁନଃବ୍ୟବହାର ଲକ୍ଷ୍ୟ ଠିକ୍ ଭାବରେ ହାସଲ ହୋଇପାରିନଥିଲା ।

#### 4.2.4.1 ଭୂତଳ ଡଷ୍ଟବିନ୍ ର ନିର୍ମାଣ ସମାପ୍ତ ନ ହେବା

ଅଡିଟ୍ ନିରୀକ୍ଷଣ କଲା ଯେ ବି.ଏମ୍.ସି ବିଭିନ୍ନ ବଜାର ଅଞ୍ଚଳ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକରେ ₹6.80 କୋଟି । ବ୍ୟୟରେ 50 ଟି ଭୂତଳ ଡଷ୍ଟବିନ୍ ର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଦୁଇଟି ଚୁକ୍ତିନାମା କରିଥିଲେ ଯାହା ଜାନୁଆରୀ 2019 ସୁଦ୍ଧା ସମ୍ପୂର୍ଣ୍ଣ ନିର୍ମାଣ ହେବା କଥା ଓ ଏହାର ରକ୍ଷଣାବେକ୍ଷଣ ଅବଧି 5 ବର୍ଷ ଥିଲା । ଏଜେନ୍ସୀ

ଜାନୁଆରୀ 2021 ସୁଦ୍ଧା ₹1.55 କୋଟି ବ୍ୟୟରେ କେବଳ 34 ଟି ଡଷ୍ଟବିନ୍ ସ୍ଥାପନ କରିଥିଲେ । ବଳକା ଡଷ୍ଟବିନ୍ ଗୁଡିକ ସମାପ୍ତ ନହେବାର କାରଣ ରେକର୍ଡରେ ଦର୍ଶାଯାଇଥିଲା ।

### 4.2.4.2 ଭୂତଳ ଡଷ୍ଟବିନ୍ ପାଇଁ ଡ୍ୟାସବୋର୍ଡ ମୋଡ୍ୟୁଲ୍ ଏବଂ ରକ୍ଷଣାବେକ୍ଷଣ

ଚୁକ୍ତିନାମା ଅନୁଯାୟୀ, ଶୀଘ୍ର ଏବଂ ସହଜ ରେ ଦେଖି ବାସ୍ତବ ସମୟ ଭିତ୍ତିରେ ସାମଗ୍ରିକ ସ୍ଥିତିକୁ ଜାଣିବା ପାଇଁ ଏଜେନ୍ସୀ ଏକ ଡ୍ୟାସବୋର୍ଡ ମୋଡ୍ୟୁଲ୍ ଯୋଗାଇବା କଥା । ଡ୍ୟାସବୋର୍ଡ ମଧ୍ୟ ଯେପରିକି ଡଷ୍ଟବିନ୍ ନମ୍ବର, ଡଷ୍ଟବିନ୍ ର ପ୍ରକାର, ଡଷ୍ଟବିନ୍ ରଖାଯିବା ସ୍ଥାନ, ଡଷ୍ଟବିନ୍ ସଫାକରିବା ସମୟ, ଡଷ୍ଟବିନ୍ ରେ ବର୍ଜବସ୍ତୁ ର ସ୍ତର[23] ଏବଂ ବର୍ଜ୍ୟବସ୍ତୁ ଉଠାଇବା ଏବଂ ପରିବହନ ନିମନ୍ତେ ବ୍ୟବହୃତ ଯାନ ଗୁଡିକ ଇତ୍ୟାଦିର ସୂଚନା ପ୍ରଦାନ କରିବା କଥା । ପରିଚାଳକ ଡଷ୍ଟବିନ୍ ଗୁଡିକର ରକ୍ଷଣାବେକ୍ଷଣ ଏବଂ ସଫାକରିବା କୁ ସୁନିଶ୍ଚିତ କରିବ ଯଦ୍ୱାରା ଡଷ୍ଟବିନ୍ ର ଚାରିପାଖ ସଫା ଏବଂ ଦୁର୍ଗନ୍ଧ ମୁକ୍ତ ରହିବ ।



ଫଟୋଗ୍ରାଫ୍ 4:ମାର୍କେଟ ନଂ 1 ରେ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ (ସେନସର କାମ କରୁନାହିଁ)

ଅଡିଟ୍ ଦେଖିଲା ଯେ, ଏଜେନ୍ସୀ ଗୁଡିକ ଚୁକ୍ତିନାମା ଅନୁଯାୟୀ ଭୂତଳ ଡଷ୍ଟବିନ୍ ନିମନ୍ତେ ଡ୍ୟାସବୋର୍ଡ ମୋଡ୍ୟୁଲ ଏବଂ ଡଷ୍ଟବିନ୍ ଭିତରେ ବର୍ଜ୍ୟବସ୍ତୁ ର ସ୍ତର ଜାଣିବା ଲାଗି ସଫ୍ଟୱେର୍ ସ୍ଥାପନ କରିନଥିଲେ । ମିଳିତ ଯାଞ୍ଚ ବେଳେ ଜଣାପଡିଲା ଯେ ଡଷ୍ଟବିନ୍ ଗୁଡିକ ସବୁବେଳେ ସଫା ହେଉନଥିଲା । ବିଏମସି ର ମାର୍କେଟ୍ ନଂ – 1 ରେ ଦେଖାଗଲା ଯେ, ଆବର୍ଜନା ଡଷ୍ଟବିନ୍ ର ବାହାରେ ଜମାହୋଇଥିଲା ଯାହା ଫଟୋଗ୍ରାଫ୍ 4 ରେ ଦର୍ଶିତ । ଡଷ୍ଟବିନ୍‌ରେ ଲଗାଯାଇଥିବା ସେନସର୍ ଗୁଡିକ ବହୁତ ଗୁଡିଏ ଯାଗା ଯଥା ମାର୍କେଟ୍ ନଂ 1 , ଓମଫେଡ୍ ଛକ(ବେସ୍ ଷ୍ଟପ୍ ନିକଟରେ) ଏବଂ କେଶରୀ ମଲ୍ ଠାରେ କାମ କରୁନଥିଲା । ଆସିଷ୍ଟାଣ୍ଟ ଇଂଜିନିୟର କହିଲେ ଯେ, ଡଷ୍ଟବିନ୍ ଗୁଡିକର ସେନସର୍ ଖୁବ୍ ଶୀଘ୍ର ପୁନଃସ୍ଥାପିତ ହେବ ଏବଂ ଡଷ୍ଟବିନ୍ ଅଞ୍ଚଳକୁ ସାସ୍ଥ୍ୟକର ରଖିବା ଓ ଏହାକୁ ପ୍ରତିଦିନ ସଫା କରିବା ପାଇଁ ଏଜେନ୍ସୀ ଗୁଡିକୁ ନିର୍ଦ୍ଦେଶ ଦିଆଯିବ । ସେନସର୍ ଗୁଡିକର ପୁନଃସ୍ଥାପନ ନହେବା ଦ୍ୱାରା ଭୂତଳ ଡଷ୍ଟବିନର ଅନ୍ ଲାଇନ୍ ପର୍ଯ୍ୟବେକ୍ଷଣ ମାର୍ଚ୍ଚ 2021 ସୁଦ୍ଧା ହାସଲ ହୋଇପାରିଲା ନାହିଁ ଫଳରେ ₹1.55 କୋଟି ର ଖର୍ଚ୍ଚ ଅଫଳପ୍ରଦ ହେଲା ।

ସରକାର କହିଲେ (ମଇ 2022) ଯେ, ସେନ୍ସର ଗୁଡିକ ଇଲେକଟ୍ରୋନିକ୍ସ ଉପକରଣ ଯାହା ବାରମ୍ବାର ଖରାପ ହୋଇପାରେ ଏବଂ ଏହି ପ୍ରକାର ପରିସ୍ଥିତି କୁ ଦୁରେଇ ହେବ ନାହିଁ । ପରନ୍ତୁ, ତଥ୍ୟ ଏହା ଯେ, ସେନ୍ସର କାମ ନକରିବା ଏବଂ ଟ୍ରାକିଂ ସଫ୍ଟୱେର ସ୍ଥାପନ ନହେବା ଯୋଗୁଁ ଭୂତଳ ଡଷ୍ଟବିନ ର ଅନ୍ ଲାଇନ୍ ତଦାରଖ ହାସଲ ହେଲାନାହିଁ ।

### 4.2.5 ଯାନ୍ତ୍ରୀକ ଝାଡୁ ମାରିବା

ମେକାନିକାଲ ସୁଇପିଂର ଚୁକ୍ତିନାମା ସର୍ତ୍ତ (ପାରାଗ୍ରାଫ୍ 7.6) ଅନୁଯାୟୀ ଅପରେଟର ପ୍ରତିଦିନ ଦିଆଯାଇଥିବା ମୋଟ ରାସ୍ତାର ସର୍ବନିମ୍ନ 80 ପ୍ରତିଶତ ଯାନ୍ତ୍ରୀକ ଝାଡୁ କରିବେ । ଯଦି ଅପରେଟର ଏହା କରିବାକୁ ବିଫଳ ହୁଏ, ତେବେ 80 ପ୍ରତିଶତ ରୁ କମ୍ ହୋଇଥିବା କାମ ପାଇଁ ଅପରେଟରଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ୟୁନିଟ୍ ଦରର 50 ପ୍ରତିଶତ ହାରରେ ଦଣ୍ଡ ଲାଗୁ ହେବ ।

ଅଡିଟ୍ ନିରୀକ୍ଷଣ କଲା ଯେ, ବିଏମସି ଅକ୍ଟୋବର 2018 ରୁ ଡିସେମ୍ବର 2018 ମଧ୍ୟରେ ଯାନ୍ତ୍ରୀକ ଝାଡୁ ମାରିବାପାଇଁ ଦୁଇଟି ଚୁକ୍ତିନାମା ( ଚୁକ୍ତିନାମା 1 – 172 କିମି ଚୁକ୍ତିନାମା 2 – 146.59 କି.ମି) ତିନିବର୍ଷ ପାଇଁ ଯଥାକ୍ରମେ ବାର୍ଷିକ ₹5.23 ଏବଂ ₹5.08 କୋଟି ହିସାବରେ କରିଥିଲେ । ଚୁକ୍ତିନାମାରେ ଅଗ୍ରୀମ ପ୍ରଦାନର କୌଣସି ଧାରାବିନା ଏଜେନ୍ସୀ ଗୁଡିକୁ (ଅକ୍ଟୋବର 2018 ଏବଂ ଅକ୍ଟୋବର 2020) ମଧ୍ୟରେ ₹13 କୋଟି ର ସୁଧବିହୀନ ଅଗ୍ରୀମ ପ୍ରଦାନ କରାଯାଇଥିଲା ଯାହା ମାର୍ଚ୍ଚ 2021 ସୁଦ୍ଧା ପରିଶୋଧ ହୋଇନଥିଲା । ଡିସି, ସାନିଟେସନ ବିଏମସି ଏଜେନ୍ସୀ ଗୁଡିକର କାମକୁ ଦୁଇମାସ ଯଥା ଅଗଷ୍ଟ ଏବଂ ସେପ୍ଟମ୍ବର 2020 ଆକଳନ କରି ଦେଖିଲେ ଯେ 712 କି.ମି ଏବଂ 2,110 କି.ମି ଯାନ୍ତ୍ରୀକ ଝାଡୁ ମାରିବା କାର୍ଯ୍ୟକାରୀ ର ଅଭାବ/ଅସମ୍ପାଦନ ହୋଇଥିଲା ତାହାଲାଗି କୌଣସି ଦଣ୍ଡବିଧାନ ହୋଇନଥିଲା । ଅନ୍ୟମାସ ଗୁଡିକରେ ଯାନ୍ତ୍ରୀକ ଝାଡୁ ମାରିବାର କାର୍ଯ୍ୟଦକ୍ଷତା ର ମୂଲ୍ୟାୟନ ଏଜେନ୍ସୀ ଦ୍ୱାରା

[23] ଭୂତଳ ଡଷ୍ଟବିନ୍ ର ସର୍ବୋଚ୍ଚ ଧାରଣ କ୍ଷମତା

କରାଯାଇନଥିଲା । ଯନ୍ତ୍ରପାତିର କାର୍ଯ୍ୟସମୟ ଯାଣିବା ପାଇଁ ଲଗ୍ ବୁକ୍ ର ବିବରଣୀ, ଦୈନନ୍ଦିନ କାର୍ଯ୍ୟର ହିସାବ ଏବଂ ଜିପିଏସ ଟ୍ରାକିଂ ରେକର୍ଡ ଅଡିଟ୍ କୁ ସମୀକ୍ଷା ପାଇଁ ପ୍ରଦାନ କରାଯାଇନଥିଲା । ଅବଶିଷ୍ଟ ସମୟ ପାଇଁ ଏଜେନ୍ସୀ ର ସମ୍ପାଦନର ମୂଲ୍ୟାୟନ ଅଭାବରୁ ମାର୍ଚ୍ଚ 2021 ସୁଦ୍ଧା ପ୍ରଦତ୍ତ ଅଗ୍ରୀମ ₹13 କୋଟି ଅନାଦେୟ ରହିଲା । ତାହା ଛଡା ଅଗ୍ରୀମ ଉପରେ ₹1.11 କୋଟି ର ସୁଧ ଅନାଦେୟ ରହିଲା ।

ସରକାର କହିଲେ (ମଇ 2022) ଯେ,ଗୋଟିଏ ଏଜେନସୀ ଠାରୁ ₹8 କୋଟି ର ଅଗ୍ରୀମ ଦେୟ ବ୍ୟବସ୍ଥିତ ହୋଇଛି ଏବଂ ବାକିଆ ଅଗ୍ରୀମ ବ୍ୟବସ୍ଥିତ ଲାଗି ପ୍ରକ୍ରିୟା ଜାରି ଅଛି । ପରନ୍ତୁ, ଏଜେନ୍ସୀ ଉପରେ ଅଣସମ୍ପାଦନ ଏବଂ ଅଗ୍ରୀମ ଦେୟଉପରେ ସୁଧ ଅନାଦେୟ ବାବଦକୁ ଜୋରିମାନା ଲଗାଇବାଉପରେ ଉତ୍ତରଟି ନିରବ ଥିଲା ।

### 4.2.5.1 ଯାନ୍ତ୍ରୀକ ଏବଂ ମାନୁଆଲ ଝାଡୁ ମାରିବା କାମ ଏକାସହ ହେବା

ଯାନ୍ତ୍ରୀକ ଝାଡୁ ଦ୍ୱାରା ସଫାଇ କାର୍ଯ୍ୟକୁ ପିଛିଲା ଭାବେ ଅନୁମୋଦନ (ଜୁଲାଇ 2020) ଦେବା ବେଳେ ଯୁଗ୍ମ ସଚିବ ଗୃହ ଏବଂ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁଠାରେ ଯାନ୍ତ୍ରୀକ ଝାଡୁ ସାହାଯ୍ୟରେ ଝାଡୁ କରାଯାଉଥିବ ସେ ଯାଗାରେ ମାନବ ସମ୍ବଳ ନିଯୁକ୍ତି କରି ମଣିଷ ଦ୍ୱାରା ଝାଡୁ କରାଇବାଠାରୁ  କଡାକଡି ଭାବେ ଏଡାଇ ରହିବା ଦରକାର । ମଣିଷ ସାହାଯ୍ୟରେ ଝାଡୁ ହେଉଥିବା ଅଞ୍ଚଳ ରେ ଏଜେନ୍ସୀ ଦ୍ୱାରା ଯାନ୍ତ୍ରୀକ ଝାଡୁ ହେବାପୂର୍ବରୁ ସେହି ଅଞ୍ଚଳ ରେ ମନୁଷ୍ୟ ଦ୍ୱାରା ଝାଡୁ କରିଯିବା ର ପରିସର କୁ ବଦଳାଇ ତା ସହିତ ଯାନ୍ତ୍ରୀକ ଝାଡୁ ବ୍ୟବହାର କରିବା ପରେ ଏହାର ଆର୍ଥିକ ପ୍ରଭାବ ପୁନଃ ବିଚାର କରାଯିବା ଉଚିତ୍ ।

ଅଡିଟ୍ ନିରୀକ୍ଷଣ କରିଛି ଯେ ଯାନ୍ତ୍ରୀକ ଝାଡୁ ବ୍ୟବହାର କରିବା ପୂର୍ବରୁ ସେହି ଅଞ୍ଚଳ ଗୁଡିକରେ ମଣିଷ ଦ୍ୱାରା ଝାଡୁ କରାଯାଉ ଥିଲା । ବିଏମସି ମାର୍ଚ୍ଚ 2021 ସୁଦ୍ଧା ମଣିଷ ଦ୍ୱାରା ଝାଡୁ କାମର ପରିସର ରେ କୌଣସି ପରିବର୍ତ୍ତନ କରିନଥିଲା । ଏପରିକି ଯାନ୍ତ୍ରୀକ ଝାଡୁ ବ୍ୟବହାର ପରେ ମଧ ମଣିଷ ଦ୍ୱାରା ଝାଡୁକାମର ପରିସର ରେ ପରିବର୍ତ୍ତନ ନ କରିବା ଦ୍ୱାରା ଯାନ୍ତ୍ରୀକ ଏବଂ ମାନୁଆଲ ଝାଡୁ କାମ ଏକାସହ ହେଲା ଏବଂ ବାର୍ଷିକ ₹10.32 କୋଟି ର ଅଦରକାରୀ ପରିଚାଳନା ଖର୍ଚ୍ଚ ହେଲା ।

ସରକାର କହିଲେ (ମଇ 2022) ଯେ, ଝାଡୁକାର୍ଯ୍ୟ ପାଇଁ ଏଜେନସୀକୁ ଗୋଟିଏ ଯାଗାରେ ମାନୁଆଲ ଝାଡୁ କାମ ଏବଂ ଯାନ୍ତ୍ରିକ ଝାଡୁକାମ ଏକାଠି ପ୍ରଦାନ କରାଯାଉ ନାହିଁ । ଏହି ଉତ୍ତରଟି ବିଏମସି ଦ୍ୱାରା ପ୍ରଦତ୍ତ ତଥ୍ୟର ବିରୁଦ୍ଧାଚରଣ କରୁଥିଲା ଯାହା ବିଏମସି ର ସମାନ ଯାଗାରେ ଯାନ୍ତ୍ରିକ ଝାଡୁ ହେବା ସତ୍ତ୍ୱେ ମଣିଷ ଦ୍ୱାରା ଝାଡୁ ଚାଲୁରହିବା ଦର୍ଶାଉଥିଲା ।

### 4.2.6 କଠିନ ବର୍ଜ୍ୟବସ୍ତୁ ନିମନ୍ତେ ସ୍କ୍ରିନ ଚାଲୁନହେବା ଏବଂ ଏହାର ରକ୍ଷଣାବେକ୍ଷଣ ନହେବା

ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) (ଜାନୁଆରୀ 2019) ର ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ନିଶ୍ଚିତ କରିବା ଦରକାର ଯେ, ସବୁ ଡ୍ରେନ୍ ଗୁଡିକରେ ଠିକ୍ ପଦକ୍ଷେପ ଅନୁଯାୟୀ (ଲୁହାଜାଲି) ବନ୍ଧାଯାଇଛି ଏବଂ କୌଣସି କଠିନ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ କୁ ନଦୀ, ହ୍ରଦ, ପୋଖରୀ ଏବଂ ଜଳାଶୟ ମଧ୍ୟକୁ ପ୍ରବେଶ କରାଯାଉ ନାହିଁ । ସମସ୍ତ ସ୍କ୍ରିନବାର ଗୁଡିକ ପ୍ରତିଦିନ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫା ହେବା ଦରକାର ।
ଅଡିଟ୍ ଦେଖିଲେ ଯେ, କଠିନ ବର୍ଜ୍ୟବସ୍ତୁର ଜଳାଶୟ ରେ ପ୍ରବେଶ ଏବଂ ପାଣି ଜମାହେବାକୁ ରୋକିବ ପାଇଁ 114 ଟି ୟୁଏଲବି 1,281 ଟି ସ୍କ୍ରିନବାର (355 ସ୍କ୍ରିନବାର 21 ଟି ଯାଞ୍ଚ ହୋଇଥିବା ୟୁଏଲବିରେ) ପାଇଁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ବର୍ଷାଜଳ ନିଷ୍କାସନ ଡ୍ରେନ୍ ଗୁଡିକରେ ସ୍ଥାପନ କରିଥିଲେ ।



ଫଟୋଗ୍ରାଫ୍ 5: ପଟିଆର ଶ୍ରୀ ଲେଦର୍ ଶୋ ରୁମ୍ ନିକଟ ଡ୍ରେନ୍

ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ମିଳିତ ଯାଞ୍ଚ ସମୟରେ (ଜାନୁଆରୀ 2020 ରୁ ସେପ୍ଟେମ୍ବର 2021) ଦେଖାଗଲା ଯେ, ସ୍କ୍ରିନବାର୍ ଗୁଡିକ ସଫେଇ କର୍ମଚାରୀଙ୍କ ଦ୍ୱାରା ପ୍ରତିଦିନ ସଫା ହେଉନଥିଲା ଯଦ୍ୱାରା କଠିନ ବର୍ଜ୍ୟବସ୍ତୁ ଜଳାଶୟ ମଧ୍ୟରେ ପ୍ରବେଶ କରି ପାଣି ର ପ୍ରବାହକୁ ରୋକିବା ସହ ଦୁର୍ଗନ୍ଧ ଓ ପ୍ରଦୂଷଣ ସୃଷ୍ଟି କରୁଥିଲା ।

ସରକାର କହିଲେ (ମଇ 2022) ଯେ, ସୁଇପିଂ କର୍ମଚାରୀଙ୍କ ଦ୍ୱାରା ସ୍କ୍ରୀନ୍‌ବାର୍ ସଫାକରିବା ଲାଗି (ଜୁନ୍ 2019) ରୁ ମାର୍ଗଦର୍ଶୀକା ଏବଂ ନିର୍ଦ୍ଦେଶାବଳୀ ଜାରି ହୋଇଛି । ପରନ୍ତୁ, ସେହି ନିର୍ଦ୍ଦେଶଗୁଡିକର ପାଳନ ହୋଇନଥିଲା ଏବଂ ୟୁଏଲବି ଅଧିକାରୀଙ୍କ ଦ୍ୱାରା ତଦାରଖର ଅଭାବ ମିଳିତ ଯାଞ୍ଚବେଳେ ଦେଖାଯାଇଥିଲା ।

### 4.2.7 ବ୍ୟକ୍ତିଗତ ସୁରକ୍ଷା ଉପକରଣ

ଏସଡବ୍ଲୁଏମ୍ ନିୟମ, 2016 ର ଧାରା 15 (ଜେଡ୍ ଡି) ଅନୁଯାୟୀ, ୟୁଏଲବି ଗୁଡିକ ନିଶ୍ଚିତ କରିବା ଦରକାର ଯେ, ଏକ ସୁବିଧାର ପରିଚାଳକ କଠିନ ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ସମସ୍ତ ଶ୍ରମିକଙ୍କୁ ୟୁନିଫର୍ମ, ହ୍ୟାଣ୍ଡଗ୍ଲୋଭ୍ସ୍, ରେନକୋଟ୍, ଉପଯୁକ୍ତ ଜୋତା,ମାସ୍କ ଏବଂ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇବା ସହ ଶ୍ରମଜିବୀଙ୍କ ଦ୍ୱାରା ଏହାର ବ୍ୟବହାର ହେଉଛି ।



ଫଟୋଗ୍ରାଫ୍ 6: ପ୍ରତିରକ୍ଷା ଉପକରଣ ବିନା କର୍ମଚାରୀଙ୍କ ସ୍ୱିପ୍ କରିବା

ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ମିଳିତ ଯାଞ୍ଚ ହୋଇଥିବା ବେଳେ ଅଡିଟ୍ ଦେଖିଲା ଯେ, କଠିନ ବର୍ଜ୍ୟବସ୍ତୁ କୁ ସଫାକରୁଥିବା ଲୋକମାନେ ସୁରକ୍ଷା ଉପକରଣ ବିଶେଷ ଭାବେ ଜୋତା ଏବଂ ଗ୍ଲୋଭ୍ସ୍ ବ୍ୟବହାର କରୁନଥିଲେ । ପ୍ରତିରକ୍ଷା ଉପକରଣର ବ୍ୟବହାର ନହେବା ବିପଜ୍ଜନକ ଏବଂ ସାସ୍ଥ୍ୟପ୍ରତି ଗୁରୁତର ହୋଇପାରେ ।

ସରକାର କହିଲେ (ମଇ 2022) ଯେ, ସ୍ୱଚ୍ଛକର୍ମୀ ଏବଂ ସଫେଇ କର୍ମଚାରୀ ଙ୍କ ଦ୍ୱାରା ପିପିଇ ପିନ୍ଧିବାକୁ ସୁନିଶ୍ଚିତ କରିବା ପାଇଁ ସ୍ୱଚ୍ଛ ସାଥି ମାନଙ୍କୁ ଅଭିମୁଖୀକରଣ ପ୍ରଶିକ୍ଷଣ ଦିଆଯାଇଅଛି । ପରନ୍ତୁ, ମିଳିତ ଯାଞ୍ଚରେ ଦେଖାଗଲା ଯେ ଶ୍ରମଜିବୀଙ୍କ ଦ୍ୱାରା ପିପିଇ ର ବ୍ୟବହାର ନିଷ୍କଳ ହୋଇଥିଲା ।

## 4.3 ବର୍ଜ୍ୟବସ୍ତୁ ର ପରିବହନ

ଏସଡବ୍ଲୁଏମ ସେବାରେ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସ୍ଥାନୀୟ ଅବସ୍ଥା ଏବଂ ଲ୍ୟାଣ୍ଡଫିଲ୍ ଅଞ୍ଚଳ ର ଅବସ୍ଥାନ ଉପରେ ନିର୍ଭର କରି, ୟୁଏଲବି ଗୁଡିକ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପରିବହନ ପାଇଁ ବିଭିନ୍ନ ପ୍ରକାରର ଯାନ ଯଥା ଠେଲା ଗାଡି, ଅଟୋ ଟିପ୍ପର,ଟ୍ରାକ୍ଟର, ଟିପର ଟ୍ରକ. ବିଓଭି ଏବଂ ହାଲୁକା ବ୍ୟାବସାୟୀକ ଯାନ (ଏଲସିଭି) ବ୍ୟବହାର କରନ୍ତି ।

### 4.3.1 ଯାନବାହାନର ଅଭାବରୁ ଘରଗୁଡିକରୁ ବର୍ଜ୍ୟବସ୍ତୁ ର ଆଂଶିକ ସଂଗ୍ରହ

କଠିନ ବର୍ଜ୍ୟବସ୍ତୁର ଦ୍ୱାରରୁ ଦ୍ୱାର ସଂଗ୍ରହ ପାଇଁ ବିଓଭି/ଏଲସିଭି ର ବ୍ୟବହାର କୁ ଏସଓପି (ଜୁଲାଇ 2019) ଦର୍ଶାଉଥିଲା । ଗୋଟିଏ ବିଓଭି 600 ପରିବାର ଏବଂ ଗୋଟିଏ ଏଲସିଭି 1,000 ପରିବାରରୁ ଘର କୁ ଘର ଆବର୍ଜନା ସଂଗ୍ରହ କରିବା କଥା । ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଆବଶ୍ୟକ ଥିବା 1,159 ଟି ବିଓଭି/ଏଲସିଭି ସ୍ଥଳେ କେବଳ 634 ଟି ବିଓଭି/ଏଲସିଭି ଉପଲବ୍ଧ ଥିଲା । ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ବିଓଭି ର ଉପଲବ୍ଧତାର ସ୍ଥିତି ***(ପରିଶିଷ୍ଟ – IX)*** ରେ ଦିଆଯାଇଛି ।



ଫଟୋଗ୍ରାଫ୍ 7: ପଞ୍ଜୀକରଣ ଅଭାବ ପାଇଁ ଆରଏମସି ରେ ନିଷ୍କ୍ରିୟ ବିଓଭି

ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା 8.29 ଲକ୍ଷ ପରିବାର ମଧ୍ୟରୁ 5.14 ଲକ୍ଷ ପରିବାର (62 ପ୍ରତିଶତ ) କୁ ଘର ରୁ ର ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଅନ୍ତର୍ଭୁକ୍ତ କରିପାରିଥିଲେ ଯାହାଫଳରେ ୟୁଏଲବି ଗୁଡିକରେ ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ ବିଓଭି/ଏଲସିଭି ର ଅଭାବ ହେତୁ ପରିବାର ଗୁଡିକୁ ଆଂଶିକ ଭାବେ କଭରେଜ୍ କରାଯାଇଥିଲା । ଅପରପକ୍ଷେ, ତିନୋଟି ୟୁଏଲବି ରେ, ବୈଷୟିକ ସମସ୍ୟା ଏବଂ ପଞ୍ଜୀକରଣ[24] ନହେବା ଯୋଗୁଁ ସେପ୍ଟେମ୍ବର 2020 ରୁ ଫେବୃଆରୀ 2021 ମଧ୍ୟରେ ₹44.49 ଲକ୍ଷ ବ୍ୟୟରେ କିଣାଯାଇଥିବା 16 ଟି ବିଓଭି ବ୍ୟବହାର ନହୋଇ ରହିଥିଲା ।

[24] ବୈଷୟିକ ଭୁଲ : ରାୟଗଡା -05 ମଧ୍ୟରୁ 05,ଭଦ୍ରକ – 04 ମଧ୍ୟରୁ 02 , ରେଜିଷ୍ଟ୍ରେସନ ର ଆବଶ୍ୟକ : ରାଉରକେଲା –15 ଟି ମଧ୍ୟରୁ 09 ଟି

ସରକାର କହିଲେ (ମଇ 2022) ଯେ, ୟୁଏଲବି ଗୁଡିକୁ ନିଜ ଆବଶ୍ୟକତା ଅନୁଯାୟୀ ବିଓଭି କିଣିବାପାଇଁ ଅଧିକୃତ କରାଯାଇଥିଲା । ଖରାପ ହୋଇଥିବା ବିଓଭି ସମ୍ବନ୍ଧରେ ଏହା ଦର୍ଶାଯାଇଥିଲା ଯେ , ବୈଷୟିକ ସହାୟତା ଦେବା ପାଇଁ, ତୃଟି ସଜାଡିବା ଇତ୍ୟାଦି ଗୁଡିକ ପାଇଁ ୟୁଏଲବି ଗୁଡିକ ସ୍ଥାନୀୟ ବୈଷୟିକ ଟ୍ରେନିଂ ସଂସ୍ଥା ମାନଙ୍କ ସହିତ ଏମଓୟୁ ସାକ୍ଷର କରିଥିଲେ । ଉତ୍ତରଟି ମାର୍ଚ୍ଚ 2021 ସୁଦ୍ଧା ପଞ୍ଜୀକରଣ ଅଭାବରୁ ବିଓଭି ଗୁଡିକ ବ୍ୟବହାର ନହୋଇ ପଡିରହିଥିବା ଉପରେ ନିରବ ଥିଲା ।

## 4.3.2 କଠିନ ବର୍ଜ୍ୟବସ୍ତୁ ର ପରିବହନ

### 4.3.2.1 ଖୋଲା ଗାଡି ଗୁଡିକରେ କଠିନ ବର୍ଜ୍ୟବସ୍ତୁ ର ପରିବହନ

ଏମଏସଡବ୍ଲୁ ନିୟମ 2000 ର ସିଡ୍ୟୁଲ୍ II ର ଧାରା 4 ଧାର୍ଯ୍ୟକରେ ଯେ ବର୍ଜ୍ୟବସ୍ତୁ ପରିବହନ ପାଇଁ ବ୍ୟବହୃତ ଯାନଗୁଡିକ ଆଚ୍ଛାଦିତ ହେବା ଦରକାର । ବର୍ଜ୍ୟବସ୍ତୁ ଜନସାଧାରଣଙ୍କୁ ଦୃଶ୍ୟମାନ ହେବା ଉଚିତ୍ ନୁହେଁ ଓ ଖୋଲା ପରିବେଶ ସଂସ୍ପର୍ଶ ରେ ନ ଆସିବା ଏବଂ ଚାରିଆଡେ ଖେଳାଇ ହୋଇ ନ ପଡିବା ଉଚିତ୍ ।

ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅଡିଟ୍ ଦେଖିଲା ଯେ କଠିନ ବର୍ଜ୍ୟବସ୍ତୁ ପରିବହନରେ ବ୍ୟବହୃତ ଯାନ ଗୁଡିକ ଆଚ୍ଛାଦିତ ହୋଇନଥିଲା । ପରିବହନ ହେଉଥିବା ବର୍ଜ୍ୟବସ୍ତୁ ଦୃଶ୍ୟମାନ ହେଉଥିଲା ଏବଂ ଖୋଲା ପରିବେଶ ସଂସ୍ପର୍ଶ ରେ ଆସୁଥିଲା (ଫୋଟଗ୍ରାଫ୍ 8) । ଏହି ଆଚ୍ଛାଦିତ ନହୋଇଥିବା ଯାନ ଗୁଡିକ ବର୍ଜ୍ୟବସ୍ତୁ ପରିବହନ କଲାବେଳେ ଦୁର୍ଗନ୍ଧ ସୃଷ୍ଟି କରିବା ସହ ଏଥିରୁ ବର୍ଜ୍ୟବସ୍ତୁ ଚାରିଆଡେ ଖେଳାଇ ହୋଇ ପଡୁଥିଲା ଫଳରେ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ ତାହାଛଡା କଠିନ ବର୍ଜ୍ୟବସ୍ତୁର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ୱାସ୍ଥ୍ୟକର ପରିବହନ ର ମୌଳିକ ଲକ୍ଷ ବ୍ୟାହତ ହୋଇଥିଲା ।


ଫଟୋଗ୍ରାଫ୍ 8: ଏସଏମସି ଦ୍ୱାରା ଆଚ୍ଛାଦିତ ନକରି ବର୍ଜ୍ୟବସ୍ତୁ ପରିବହନ ପାଇଁ ବ୍ୟବହୃତ ଖୋଲା ଯାନ

ସରକାର କହିଲେ (ମଇ 2022) ଯେ, ବିଓଭି ଗୁଡିକ ଘୋଡଣି ଥିବା ପୃଥକ ଡବାରେ ବିଭକ୍ତ ଏବଂ ଏଗୁଡିକୁ ଖୋଲା ବର୍ଜ୍ୟସଂଗ୍ରହ କୁ ଏଡାଇବା ଲାଗି ବ୍ୟବହାର କରାଯାଏ । ପରନ୍ତୁ, ତଥ୍ୟ ଏହା ଯେ କଠିନ ବର୍ଜ୍ୟ ବହନ କରିବା ଲାଗି ଖୋଲା ଯାନ ଗୁଡିକ ମଧ ବ୍ୟବହାର କରାଯାଉଥିଲା ଯାହା ଫଟୋଗ୍ରାଫ୍ 8 ରେ ଦର୍ଶାଯାଇଛି ।

### 4.3.2.2 ବିନାଅନୁମତିରେ ପରିବହନ ଯାନଗୁଡିକର ବ୍ୟବହାର

ମୋଟର ଯାନ (ଏମଭି) ଆକ୍ଟ 1988 ର ଧାରା 39,55 ଏବଂ 56 ଅନୁଯାୟୀ, ଏକ ପରିବହନ ଯାନ ଏମଭି ଆକ୍ଟ 1988 ର ଧାରା 39 ଉଦ୍ଦେଶ୍ୟ ଅନୁଯାୟୀ ବୈଧ ପଞ୍ଜୀକୃତ ବୋଲି ଧରାଯିବ ନାହିଁ ଯଦି ଯାନଟି ଯୋଗ୍ୟ ଅଧିକାରୀଙ୍କ ଠାରୁ ଫିଟନେସ୍ ବାବଦରେ ଏହି ନିୟମ ଅଧିନସ୍ଥ ସମସ୍ତ ଆବଶ୍ୟକତା ପୂରଣ କରୁଥିବା ର ସାର୍ଟିଫିକେଟ୍ ହାସଲ ନ କରିଛି ।

ଅଡିଟ ଦେଖିଲା ଯେ ଯାଞ୍ଚ ହୋଇଥିବା ଦଶଟି ୟୁଏଲବି ରେ ଏସଡବ୍ଲୁଏମ୍ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଯାନଗୁଡିକର ଫିଟନେସ୍, ପଲ୍ୟୁସନ ଏବଂ ଇନସ୍ୟୁରାନସ୍ ସାର୍ଟିଫିକେଟ୍ ନଥିଲା ଯାହା ନିମ୍ନରେ ଦର୍ଶାଯାଇଛି ।

- 242 ଟି ଯାନ[25] ମଧ୍ୟରୁ 95 ଟି (39.25 ପ୍ରତିଶତ) ର କୌଣସି ବୈଧ ଫିଟନେସ୍ ସାର୍ଟିଫିକେଟ୍ ନାହିଁ
- 25 ଟି ଯାନର[26] କୌଣସି ବୈଧ ବୀମା ନାହିଁ, ଏବଂ
- ବିଏମସିର 12 ଟି ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନାହିଁ ।

[25] ଫିଟ୍ ନେସ୍ ସାର୍ଟିଫିକେଟ୍ : ବିଏମସି 64 ଟି ମଧ୍ୟରୁ 30 ଟି ,ଜୟପୁର- 3 ଟି ମଧ୍ୟରୁ 3 ଟି, ରାୟଗଡା – 17 ମଧ୍ୟରୁ 17 ଟି, ଗୁଣପୁର- 3 ଟି ମଧ୍ୟରୁ 3 ଟି, ସିଏମସି - 48 ଟି ମଧ୍ୟରୁ 3 ଟି ,ସମ୍ବଲପୁର- 48 ଟି ମଧ୍ୟରୁ 18 ଟି, ପୁରୀ -26 ଟି ମଧ୍ୟରୁ 11 ଟି ,ଚୌଦ୍ୱାର –5 ଟି ମଧ୍ୟରୁ 3 ଟି, ଝାରସୁଗୁଡା - 40 ଟି ମଧ୍ୟରୁ 4 ଟି ଏବଂ ସୁନ୍ଦରଗଡ – 12 ଟି ମଧ୍ୟରୁ 3 ଟି

[26] ଇନସୁରାନ୍ସ : ବିଏମସି - 7 ,ଜୟପୁର -3 , ସିଏମସି -1 ,ସମ୍ବଲପୁର – 1, ପୁରୀ- 1 , ଚୌଦ୍ୱାର - 12

ୟୁଏଲବି ଗୁଡିକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ରୁ ଫିଟନେସ୍ ସାର୍ଟିଫିକେଟ୍ ଏବଂ ପ୍ରଦୂଷଣ ପ୍ରମାଣପତ୍ର ହାସଲ କରିବା କଥା । ଉପରୋକ୍ତ ଅଭାବ ଗୁଡିକ ବିଭାଗ ମଧ୍ୟରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ର ଅନୁପସ୍ଥିତିକୁ ଦର୍ଶାଉଥିଲା ।

ସରକାର ନିଷ୍ଚିତ କଲେ (ମଇ 2022) ଯେ, ଏଲସିଭି ଗୁଡିକର ଫିଟନେସ୍ ସାର୍ଟିଫିକେଟ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯିବ । ଉତ୍ତରଟି ବର୍ଜ୍ୟ ପରିଚାଳନା ପାଇଁ ବ୍ୟବହାର ହେଉଥିବା ଅନ୍ୟ ଚୁକ୍ତି ହୋଇଥିବା ଗାଡି ଗୁଡିକର ଫିଟନେସ୍ ଏବଂ ପଲ୍ୟୁସନ ସାର୍ଟିଫିକେଟ୍ ବିଷୟରେ ନିରବ ଥିଲା ।

### 4.3.2.3 ଜିପିଏସ ମାଧ୍ୟମରେ ପରିବହନ ଯାନଗୁଡିକର ପରିଚାଳନା ନ ହେବା

ଉତ୍ପତି ସ୍ଥଳ ରୁ ପ୍ରାଧିକୃତ ଗନ୍ତବ୍ୟ ସ୍ଥଳକୁ କଠିନ ବର୍ଜବସ୍ତୁ ର ପରିବହନ ଏହାର ସଠିକ୍ ନିଷ୍କାସନ କୁ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏସଡବ୍ଲୁଏମ ମାନୁଆଲ୍ , 2016 ଦର୍ଶାଏ ଯେ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ଯେପରିକି ଗ୍ଲୋବାଲ ପୋଜିସନ୍ ବ୍ୟବସ୍ଥା (ଜିପିଏସ), ଭୌଗଳିକ ସୂଚନା ବ୍ୟବସ୍ଥା (ଜିଆଇଏସ) ଏସଡବ୍ଲୁଏମ ବ୍ୟବସ୍ଥାର ପରିଚାଳନାର ଏକ ଅଂଶ ଭାବରେ ଏକୀଭୂତ ହେବା ଦରକାର । ବର୍ଜ୍ୟବସ୍ତୁ ପରିବହନ ଯାନ ଉପରେ ନଜର ରଖିବା ଏବଂ ଠାବ କରିବା ଓ ବର୍ଜ୍ୟବସ୍ତୁ ଗତିବିଧିରେ କୌଣସି ଅନିୟମିତତା ଚିହ୍ନଟ କରିବା ପାଇଁ ଜିପିଏସ୍ ଓ ଜିଆଇଏସ୍ ଏକକାଳୀନ କାର୍ଯ୍ୟକରାଇବା ଦରକାର (ଏସଡବ୍ଲୁଏମ ମାନୁଆଲ 2016 ର ଧାରା 2.3.12.1) ।

ଅଡିଟ୍ ଦେଖିଲା ଯେ, ରାଉରକେଲା ମ୍ୟୁନିସିପାଲିଟି କର୍ପୋରେସନ୍ (ଆରଏମସି) ଏସଡବ୍ଲୁଏମ କାର୍ଯ୍ୟରେ ନିୟୋଜିତ ଥିବା 15 ଯାନର ପରିଚାଳନା ନିମନ୍ତେ ଇ-ସ୍ୱଚ୍ଛ ଭାରତ ମିଶନ (ଇ-ଏସବିଏମ୍) ପ୍ଲାଟଫର୍ମ ସେବା ଯୋଗାଇବା ପାଇଁ ବାର୍ଷିକ ₹3.11 ଲକ୍ଷ ର ବିଏସଏନଏଲ ସହିତ ଏକ ଚୁକ୍ତି (ଜାନୁଆରୀ 2017) କରିଥିଲେ । ଏହି କାର୍ଯ୍ୟର ପରିସର ଅନୁଯାୟୀ ପ୍ରତ୍ୟେକ ବର୍ଜ୍ୟବସ୍ତୁ ନିଷ୍କାସନ ଟ୍ରକରେ ସିମ୍ ଆଧାରିତ ଟ୍ରାକିଂ ଉପକରଣ ଖଞ୍ଜାଯିବ । 13 ଟି ଯାନ କୁ ଠାବ କରିବା ନିମନ୍ତେ ବିଏସଏନଏଲ୍ କୁ ମାର୍ଚ୍ଚ 2017 ସୁଦ୍ଧା ₹2.69 ଲକ୍ଷ ପ୍ରଦାନ କରାଯାଇଥିଲା । ଏହି ସେବା 2019 ମସିହାରୁ ବନ୍ଦ ଅଛି । ଏହା ଫଳରେ ଜିପିଏସ ମାଧ୍ୟମରେ ପରିବହନ ଯାନଗୁଡିକର ତଦାରଖର ଅଭାବ ଦେଖାଦେଇଥିଲା ।

ସରକାର ଅଡିଟ୍ ମନ୍ତବ୍ୟକୁ ମାନି କହିଲେ (ମଇ 2022) ଯେ, ବିଏସଏନଏଲ୍ ର କାମ ସନ୍ତୋଷଜନକ ନଥିବାରୁ ତାର ସେବା ବନ୍ଦ କରାଯାଇଛି । ପରନ୍ତୁ, ତଥ୍ୟ ଏହା ଯେ ମାର୍ଚ୍ଚ 2021 ସୁଦ୍ଧା ଆରଏମସି ଜିପିଏସ ମାଧ୍ୟମରେ ଏସଡବ୍ଲୁଏମ ପାଇଁ ବ୍ୟବହୃତ ଗାଡିକୁ ଟ୍ରାକ ଓ ତଦାରଖ କରିବାରେ ବିଫଳ ହୋଇଥିଲା ।

ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ (ବିଏମସି) ଅଗଷ୍ଟ 2021 ସୁଦ୍ଧା ଏସଡବ୍ଲୁଏମ ପାଇଁ ବ୍ୟବହୃତ 65 ଟି ଯାନ ମଧ୍ୟରୁ ତିନୋଟି (ପାଞ୍ଚ ପ୍ରତିଶତ) ପରିବହନ ଯାନରେ ଜିପିଏସ ଉପକରଣ ସ୍ଥାପନ କରିଥିଲେ । ତିନୋଟି ୟୁଏଲବି(ବ୍ରହ୍ମପୁର, ହିଞ୍ଜିଳିକଟ୍ ଏବଂ ବରଗଡ) ରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବ୍ୟବହୃତ ଯାନଗୁଡିକର ଠାବ ପାଇଁ ଜିପିଏସ୍ ସୁବିଧା ଅଛି । 2015-20 ମଧ୍ୟରେ ଏସଡବ୍ଲୁଏମ୍ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ଯାନଗୁଡିକରେ ଟ୍ରାକିଂ ପାଇଁ ଅନ୍ୟ 16 ଟି ୟୁଏଲବି ଗୁଡିକ ଜିପିଏସ ଉପକରଣ ବ୍ୟବହାର କରିନାହାନ୍ତି । ଏସଡବ୍ଲୁଏମ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ନଥିବା ର କାରଣ ରେକର୍ଡରେ ନଥିଲା । ଜିପିଏସ ର ଅନୁପସ୍ଥିତିରେ ୟୁଏଲବି ଗୁଡିକ ଏକ ପ୍ରଭାବଶାଳୀ ଟ୍ରାକିଂ କୌଶଳ ରୁ ବଂଚିତ ହେଲେ ଫଳରେ ବର୍ଜ୍ୟବସ୍ତୁ ଅନଧିକୃତ ଭାବେ ନଦୀ କୂଳ/ ଖୋଲା ସ୍ଥାନରେ ଜମା ହେଲା ।

ସରକାର କହିଲେ (ମଇ 2022) ଯେ,ପ୍ରାଇଭେଟ୍ ଏଜେନସୀ ଙ୍କୁ ପ୍ରଜୁକ୍ତି ବିଦ୍ୟା ଭିତ୍ତିକ ମାଧ୍ୟମ ଦ୍ୱାରା ସ୍ମାର୍ଟ ସିଟୀ ଗୁଡିକରେ ଏସଡବ୍ଲୁଏମ କାମର ତଦାରଖ ଲାଗି ନିୟୋଜିତ କରିବାକୁ ବିଏମସି ଦ୍ୱାରା ଟେଣ୍ଡର କରାଯାଇଛି । ପରନ୍ତୁ, ବିଏମସି ଅଗଷ୍ଟ 2021ସୁଦ୍ଧା ଏସଡବ୍ଲୁଏମ ରେ ନିୟୋଜିତ ଥିବା 65 ଟି ଗାଡି ମଧ୍ୟରୁ କେବଳ 3 ରେ ଜିପିଏସ ବ୍ୟବସ୍ଥା ଲଗାଇଥିଲେ । ଅନ୍ୟ ୟୁଏଲବି ଗୁଡିକରେ ଜିପିଏସ ଯନ୍ତ୍ର ନ ଲଗାଇବା ଉପରେ ସରକାରଙ୍କ ଉତ୍ତରଟି ନିରବ ରହିଥିଲା ।

## 4.3.2.4 ବର୍ଜବସ୍ତୁ ପରିବହନରେ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

(i) ଏମଏସଡବ୍ଲୁ ନିୟମ 2000 ଏବଂ 2016 ଅନୁଯାୟୀ, ଲ୍ୟାଣ୍ଡଫିଲ୍ ପାଇଁ ଅଣାଯାଉ ଥିବା ବର୍ଜ୍ୟବସ୍ତୁ ର ନିରୀକ୍ଷଣ କରିବା ପାଇଁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ରେ ବର୍ଜ୍ୟବସ୍ତୁ ତଦାରଖ ବ୍ୟବସ୍ଥା ଥିବା ଦରକାର, ରେକର୍ଡର ରକ୍ଷଣାବେକ୍ଷଣ ପାଇଁ ଅଫିସ୍ ବ୍ୟବସ୍ଥା ଏବଂ ପ୍ରଦୂଷଣ ତଦାରଖ ଉପକରଣ ସହିତ ଯନ୍ତ୍ରପାତି ଓ ଉପକରଣ ଗୁଡିକର ରଖିବା ଲାଗି ଘର ରହିବା ଦରକାର ।



ଫଟୋଗ୍ରାଫ୍ 9: ଜୁନ୍ 2020 ଠାରୁ ବିଏମସି ର ଭୁଆସୁଣୀ ଡମ୍ପିଂୟାର୍ଡ ଠାରେ ଚେନ୍ ଯୁକ୍ତ ଡ୍ରୋଜର

ଅଡିଟ୍ ଦେଖିଲା ଯେ, ବିଏମସି ଜୁନ୍ 2020 ପର୍ଯ୍ୟନ୍ତ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ବର୍ଜ୍ୟବସ୍ତୁ ସମତଳ କରିବା ଲାଗି ଡ୍ରୋଜର୍ ଏବଂ ଏକ୍ସାଭେଟର୍ ଭୁଆସୁଣି ଡମ୍ପିଂୟାର୍ଡରୁ ସୈନିକ ସ୍କୁଲ୍ ଠାରେ ଥିବା ଟିଟିଏସ୍ ପର୍ଯ୍ୟନ୍ତ ପରିବହନ ନିମନ୍ତେ ଦୈନିକ ନେବା ଆଣିବା ପାଇଁ ₹12,000 ହିସାବରେ ଦୁଇଟି ଟ୍ରେଲର୍ ଭଡାରେ ଆଣିଥିଲେ (ଅଗଷ୍ଟ 2016) । ଅବଶ୍ୟ, ଜୁଲାଇ 2020 ଠାରୁ ଉପରୋକ୍ତ ଦୁଇଟି ଗାଡି ଡମ୍ପିଂୟାର୍ଡ ର ଅଞ୍ଚଳ ଭିତରେ ରଖାଯାଇଥିଲା । ବିଏମସି ଅଗଷ୍ଟ 2016 ଜୁନ୍ 2020 ମଧ୍ୟରେ ₹2.83 କୋଟି[27] ଟ୍ରେଲର୍‌ର ଭଡା ବାବଦରେ ପ୍ରଦାନ କରିଥିଲା ଯାହାକି ପରିହାର୍ଯ୍ୟ ଥିଲା ।

ସରକାର ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରି କହିଲେ (ମଇ 2022) ଯେ, ଡ୍ରୋଜର ଗୁଡିକୁ ଦୈନିକ ହିସାବରେ ପଠାଯାଉଥିଲା ଏବଂ ଲୋକଙ୍କ ବିରୋଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଲାଗି ଭଡାରେ ଆସିଥିବା ଗାଡିଗୁଡିକର ଭଙ୍ଗରୁଜା ହେବାର ସଂଭାବନା ହେତୁ ସେଗୁଡିକୁ ଫେରାଇ ଅଣାଯାଉଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଏସଡବ୍ଲୁଏମ ନିୟମ ଅନୁଯାୟୀ ଯନ୍ତ୍ରପାତିର ନିରାପତା ଦାୟୀତ୍ୱ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ବିଏମସି ଉପରେ ନ୍ୟସ୍ତ ଥିଲା । ଅଧିକନ୍ତୁ, ଆଇନ ଶୃଙ୍ଖଳା ପରିସ୍ଥିତି ଲାଗି ଡ୍ରୋଜର ଗୁଡିକ ଦୈନିକ ପରିବହନ ହେଉଥିବା ଉପରେ କୌଣସି ପ୍ରାମାଣିକ ତଥ୍ୟ ଅଡିଟ୍ କୁ ଯୋଗାଇ ଦିଆଯାଇନଥିଲା ।

(ii) ଏସଡବ୍ଲୁଏମ ନିୟମଅନୁଯାୟୀ, 3 ଆର ପଦ୍ଧତି ଧାର୍ଯ୍ୟକରେ ଯେ ଏସଡବ୍ଲୁଏମ ରେ ବର୍ଜ୍ୟବସ୍ତୁ କମାଇବା ଏକ ପସନ୍ଦିତ ବିକଳ୍ପ ଯେପରି ଏବଂ ବର୍ଜ୍ୟବସ୍ତୁ ର ମିଶ୍ରଣ ଓ ପରିମାଣ କୁ ସମ୍ଭାଳିବ ଏବଂ ନିଷ୍କାସନ ଉପରେ ଏହାର ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପଡିଥାଏ ଯାହା ପରିବହନ ଖର୍ଚ୍ଚ ହ୍ରାସ କରାଇଥାଏ ।

ଅଡିଟ୍ ନିରୀକ୍ଷଣ କଲା ଯେ, ଏସଡବ୍ଲୁଏମ ନିୟମ 2016 ରୁ ପ୍ରଚଳନ ହୋଇଥିଲେ ମଧ୍ୟ ବିଏମସି ବର୍ଜ୍ୟବସ୍ତୁ କମାଇବା ଲାଗି 2017-20 ମଧ୍ୟରେ କୌଣସି ପଦକ୍ଷେପ ନେଇନଥିଲା । ସିପିସିବିର ନିୟମ ଅନୁଯାୟୀ ମୁଣ୍ଡପିଛା ବର୍ଜ୍ୟବସ୍ତୁ ଉତ୍ପନ୍ନ ହାର ଦୈନିକ 413 ଗ୍ରାମ୍ ରୁ 423 ଗ୍ରାମ ଥିବା ସ୍ଥଳେ 2017-18 ଏବଂ 2019-20 ବିଏମସି ର ମୁଣ୍ଡପିଛା ବର୍ଜ୍ୟବସ୍ତୁ ଉତ୍ପନ୍ନ ହାର 450 ଗ୍ରାମ୍ ରୁ 580 ଗ୍ରାମ / ପ୍ରତିଦିନ ଥିଲା । ଲ୍ୟାଣ୍ଡଫିଲ୍ ର ବୋଝକୁ କମ୍ କରିବା ଲାଗି ବର୍ଜ୍ୟ କମାଇ ଏବଂ ପରିବହନ ଖର୍ଚ୍ଚ କମାଇବା ଲାଗି 3ଆର ପଦ୍ଧତି ଅନୁସରଣ ନକରିବା ଯୋଗୁଁ ଦୈନିକ ମୁଣ୍ଡପିଛା ବର୍ଜ୍ୟଉତ୍ପାଦନ 423 ଗ୍ରାମ୍ ରୁ 580 ଗ୍ରାମ୍ କୁ ବୃଦ୍ଧି ହୋଇଥିଲା । ନିୟମ ଅନୁଯାୟୀ ପରିବହନ ହେବାକୁ ଥିବା 4.90 ଲକ୍ଷ ମ୍ୟାଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ବିରୁଦ୍ଧରେ, 6.67 ଲକ୍ଷ ମ୍ୟାଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ କୁ ପରିବହନ କରାଯାଇଥିଲା ଫଳରେ 1.86 ଲକ୍ଷ ମ୍ୟାଟ୍ରିକ୍ ଟନ୍ ***(ପରିଶିଷ୍ଟ-X)*** ର ଅଧିକ ପରିବହନ ହୋଇଥିଲା ।

ସରକାର କହିଲେ (ମଇ 2022) ଯେ, ସହରରେ ବାହାରୁ ଯିବାଆସିବା ଲୋକସଂଖ୍ୟା ବେଶି ଥିବା ଯୋଗୁଁ ବର୍ଜ୍ୟର ପରିମାଣ ମାନଦଣ୍ଡ/ହାରାହାରି ଠାରୁ ଅଧିକ ଥିଲା । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଏହି ସମୟ ମଧ୍ୟରେ ବିଏମସି 3 ଆର ପଦ୍ଧତି ଅନୁସରଣ କରି ପରିବହନ ଖର୍ଚ୍ଚ କମାଇବା ଏବଂ ବର୍ଜ୍ୟ କମାଇ ଲ୍ୟାଣ୍ଡଫିଲ୍ ର ଭାର କମାଇବା ଲାଗି  କୌଣସି ପଦକ୍ଷେପ ନେଇନଥିଲେ ।

---

27. ଦୈନିକ @12,000 ର ଦୁଇଟି ଗାଡି x 1,054 ଦିନ ତଥା 7.08.2016 ଠାରୁ 30.06.2020 = ₹ 2.53 କୋଟି + 6% + ସିଜିଏସଟି 6% = ₹2.83 କୋଟି

(iii) ଏମଏସଡବ୍ଲୁଏମ୍ ମାନୁଆଲର ବିଭାଗ 1.4.3.3.3 ଅନୁଯାୟୀ, ଆର୍ଦ୍ରତା କଠିନ ବର୍ଜ୍ୟବସ୍ତୁର ଓଜନ ବଢାଇ ଥାଏ ଏବଂ ସେଥିପାଇଁ ସଂଗ୍ରହ ଏବଂ ପରିବହନ ମୂଲ୍ୟ ବୃଦ୍ଧି ପାଇଥାଏ । ବର୍ଜ୍ୟବସ୍ତୁର ଓଜନ ବୃଦ୍ଧିକୁ ରୋକିବା ପାଇଁ, ବୃଷ୍ଟିପାତ କିମ୍ବା ଆର୍ଦ୍ରଋତୁ ରେ ଅନ୍ୟାନ୍ୟ ଜଳ ଦ୍ୱାରା ଓଦା ନ ହେବାପାଇଁ ବର୍ଜ୍ୟବସ୍ତୁ ଉପରେ ଏକ ଆବରଣ ଦେବା ଉଚିତ୍ ।

ଅଡିଟ୍ ନିରୀକ୍ଷଣ କଲା ଯେ, କଠିନ ବର୍ଜ୍ୟବସ୍ତୁ ର ଆର୍ଦ୍ରତା ଆର୍ଦ୍ରଋତୁ ଯାହାକି ବର୍ଷା ଏବଂ ଶୀତଋତୁ (ଜୁନ୍ ରୁ ଡିସେମ୍ବର) ମଧ୍ୟରେ ବହୁଳଭାବେ ବଢିଥାଏ, ଯେଉଁ ତଥ୍ୟକୁ ବିଏମସି ଗୁରୁତ୍ୱ ଦେଇନଥିଲା । ଅଡିଟ୍ ଚାରୋଟି ଆଉଟସୋର୍ସିଂ ପ୍ୟାକେଜ୍ ର 2015-20 ମସିହା ଅବଧି ପାଇଁ ମାସିକ ତଥ୍ୟ ବିଶ୍ଳେଷଣ କରି ଦେଖିଲା ଯେ ଆର୍ଦ୍ରଋତୁରେ ଯଥା ମୌସୁମୀ/ଶୀତ ଅବଧି ନିଷ୍କାସନ ପାଇଁ ବର୍ଜ୍ୟବସ୍ତୁ ର ହାରାହାରି ପରିମାଣ ରେ ସାଧାରଣ ସମୟ (ଜାନୁଆରୀ ରୁ ମେ) ତୁଳନାରେ 10,190 ମ୍ୟାଟ୍ରିକ୍ ଟନ୍ ଅଧିକ ଥିଲା । ଓଦା ଋତୁ ରେ ଓଜନ ବୃଦ୍ଧି ସୂଚାଉଛି ଯେ ବର୍ଜ୍ୟବସ୍ତୁକୁ ବର୍ଷା କିମ୍ବା ଅନ୍ୟାନ୍ୟ ଜଳର ଯୋଗାଯୋଗରୁ ବଞ୍ଚିତ କରିବା ପାଇଁ କୌଣସି ଆବରଣ ଦିଆଯାଇନଥିଲା । ଅଧିକ ପରିମାଣର ବର୍ଜ୍ୟବସ୍ତୁ ପରିବହନ ଲାଗି ଆଉଟସୋର୍ସିଂ ସଂସ୍ଥାଗୁଡିକୁ ଦିଆଯାଇଥିବା ₹2.52 କୋଟି ର ପରିହାର୍ଯ୍ୟ ବ୍ୟୟ କୁ ରୋକାଯାଇପାରିଥାନ୍ତା ଯଦି ବିଏମସି ଆର୍ଦ୍ରଋତୁରେ ବର୍ଜ୍ୟବସ୍ତୁ ଉପରେ କୋଣସି ଆବରଣ ର ବ୍ୟବସ୍ଥା କରିଥାନ୍ତା ।

ସରକାର ଅଡିଟ୍ ମନ୍ତବ୍ୟକୁ ମାନି କହିଲେ (ମଇ 2022) ଯେ, ବର୍ଜ୍ୟ ପରିବହନ କରୁଥିବା ଗାଡି ଗୁଡିକୁ ବର୍ଷାଦିନରେ ଆର୍ଦ୍ରତା କୁ ନିବାରଣ କରିବା ସହିତ ସବୁ ସମୟରେ ଘୋଡାଇ ରଖିବାକୁ ବିଏମସି ଏଜେନ୍ସୀ ଗୁଡିକୁ ନିର୍ଦ୍ଦେଶ ଦେଇଛି ।